ଧରିତ୍ରୀ
DHARITRI
ଶନିବାର, ୧୧ ମେ, ୨୦୧୯



## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଖଇରା, ୧୦।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସୋର-କୁପାରୀ ରାସ୍ତାର ତୁଡିଗଡିଆ ବଜାରରେ ଶୁକ୍ରବାର ସକାଳେ ବାଇକ୍ ଧକ୍କାରେ ଜଣେ ଦିବ୍ୟାଙ୍ଗ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଯୁବକ ହେଲେ ଅବିନାଶ ଖଣ୍ଡେଲୱାଲ। ତାଙ୍କ ଘର ତୁଡିଗଡିଆ ବଜାରରେ। ପ୍ରତ୍ୟେକ ଦିନ ଭଳି ସେ ସକାଳେ ଠାକୁର ପୂଜା ପାଇଁ ଫୁଲ ନେଇ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର-କୁପାରୀ ରାସ୍ତାର ସମସ୍ତ ବଜାରରେ ହମ୍ପସ କିମ୍ବା ଷ୍ଟପବୋର୍ଡର ବ୍ୟବସ୍ଥା କରାଯାଇଥିଲେ ହେଁ ତୁଡିଗଡିଆ ବଜାରରେ ଏଭଳି କୌଣସି ବ୍ୟବସ୍ଥା ନାହିଁ। ଫଳରେ ଯୁବଗୋଷ୍ଠୀଙ୍କର ଗାଡି ଚାଳନାରେ ନିୟନ୍ତ୍ରଣ ରହୁନାହିଁ। ତୁରନ୍ତ ହମ୍ପ୍ସ ନିର୍ମାଣ ପାଇଁ ତୁଡିଗଡିଆ ବଜାରବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ତ୍ରିବେଣୀ କଳାକେନ୍ଦ୍ରର ବାର୍ଷିକ ଉତ୍ସବ

**ସୋର, ୧୦।୫(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ରାଧାନାଥ ପଡିଆରେ ତ୍ରିବେଣୀ କଳାକେନ୍ଦ୍ରର ଏକାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଗୌରୀଶଙ୍କର ଘଡାଇ ଉତ୍ସବରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆମେରିକା ଓ ୟୁରୋପ ଭଳି ବିଭିନ୍ନ ଦେଶରେ ଦୀର୍ଘ ୩୦ ବର୍ଷ ଧରି ମେଡିକାଲ ଇଲେକ୍ଟ୍ରୋନିକ୍ସରେ କାର୍ଯ୍ୟ କରିଥିବା ଇଂ ସତ୍ୟଜିତ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପଥରଶିଳ୍ପୀ ବ୍ରଜକିଶୋର ଜେନା ପ୍ରମୁଖ ଯୋଗଦେଇ ଅବକ୍ଷୟମୁଖୀ ଉତ୍କଳୀୟ କଳା ସଂସ୍କୃତିର ଉତ୍ଥାନ ପାଇଁ ସାମଗ୍ରିକ ଉଦ୍ୟମ ଲୋଡା ବୋଲି ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ ବିଶିଷ୍ଟ ପଥର ଶିଳ୍ପୀ ଗୋଲକ ପାତ୍ର, ନରେନ୍ଦ୍ର ସାମଲ ଓ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ ଅଭିନେତା ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରଷ୍କୃତ କରାଯାଇଥିଲା। କଳାକେନ୍ଦ୍ରର ଅଧକ୍ଷା ପୁଷ୍ପାରାଣୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ବିଶ୍ୱାଳ, ଶୁଭଦର୍ଶିନୀ ପଣ୍ଡା , ନମିତା ଦାସ, ବାବୁ ଘଡାଇ, ଶିକ୍ଷୟିତ୍ରୀ ମିତାଲି ସିଂଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟସଦସ୍ୟା, ଅଭିଭାବକ ଓ ଅଭିଭାବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

> ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପ୍ରଶାସନିକ ଅଚଳାବସ୍ଥା

- ଖାଲି ପଡିଛି ବିଡିଓ ପଦବୀ ସହିତ ବହୁ ପଦବୀ
- ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ବାଲିଆପାଳ, ୧୦।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଦୀର୍ଘ ଦିନ ଧରି ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଡିଓ ପଦବୀ ସହିତ ବହୁ ପଦବୀ ଖାଲି ପଡିଥିବାରୁ ଉନ୍ନୟନ କାମ ଅଟକି ରହିଛି। ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ବ୍ଲକକୁ ଦୌଡି ଦୌଡି ନୟାନ୍ତ ହୋଇପଡିଲେଣି।

୨୮ ଗ୍ରାମପଞ୍ଚାୟତକୁ ନେଇ ବାଲିଆପାଳ ବ୍ଲକ ଗଠିତ। ମାତ୍ର ଗତ ଫେବୃୟାରୀ ମାସରୁ ଏଠାରେ ସ୍ଥାୟୀ ବିଡିଓ ନାହାନ୍ତି। ଫେବୃୟାରୀ ୨୬ ତାରିଖରୁ ବାଲିଆପାଳ ବିଡିଓ ଥିବା ମୀନତି ଜଗଦେବଙ୍କୁ ବଦଳି କରାଯିବା ପରେ ତାଙ୍କ ବଦଳରେ କୌଣସି ନୂତନ ବିଡିଓ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ସେବେଠାରୁ ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ ଗତ ମେ' ୨ ତାରିଖ ପର୍ଯ୍ୟନ୍ତ ଅତିରକ୍ତ ଦାୟିତ୍ୱରେ ଥିଲେ। ମେ' ୨ରୁ ବାଲିଆପାଳ ଏବିଡିଓ ଲଦ ମୁର୍ମୁ ଦାୟିତ୍ୱରେ ଅଛନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇପାରୁନାହାନ୍ତି। ବହୁ ସମୟରେ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଏ ଦିଗରେ ସରକାର ସିଦ୍ଧାନ୍ତ ନେଉ ନ ଥିବା ପରିତାପର ବିଷୟ। ଫନୀ ସାମୁଦ୍ରିକ ବାତ୍ୟାରେ ଲୋକଙ୍କର ବହୁ କ୍ଷତି ଘଟିଥିଲେ ମଧ ସୁବିଧା ସୁଯୋଗ ପାଇ ପାରୁନାହାନ୍ତି। ସେହିପରି ବ୍ଲକରେ ଦୀର୍ଘ ଦିନ ଧରି ମୁଖ୍ୟ କିରାଣି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବ୍ଲକର ପ୍ରଗତି ସହାୟକ(ପିଏ) ପଦବୀ ଖାଲି ପଡିଛି। ଏହି ବିଭାଗଗୁଡିକରେ ସରକାରୀ ସୁବିଧା ସୁଯୋଗ ଲୋକଙ୍କୁ ମିଳିପାରୁନାହିଁ। ବ୍ଲକର ୨୮ଟି ପଞ୍ଚାୟତର ୨୮ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବା କଥା, ମାତ୍ର ଅଛନ୍ତି ୧୫ ଜଣ। ଜଣେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଫଳରେ ପଞ୍ଚାୟତର ବହୁ ବିକାଶ ମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ବ୍ଲକରେ ଏନଆରଇଜିଏସ ସହକାରୀ ପ୍ରୋଗ୍ରାମ ଅଫିସର ଓ ସମାଜ ମଙ୍ଗଳ ଅଧିକାରୀଙ୍କୁ ବାଲିଆପାଳ ବ୍ଲକ ସହିତ ଅନ୍ୟ ବ୍ଲକର ଅତିରକ୍ତ ଦାୟିତ୍ୱ ଦିଆଯାଇଥିବାରୁ ବହୁ ସମୟରେ ସେମାନଙ୍କ ବିଭାଗର କାର୍ଯ୍ୟ ଠିକ୍ ଭାବରେ ହୋଇପାରୁନାହିଁ। ବ୍ଲକର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ (ସିଡିପିଓ)ପଦବୀ ଖାଲି ପଡିଛି। ଭୋଗରାଇ ବ୍ଲକ କମର୍ଦ୍ଦା ସିଡିପିଓଙ୍କୁ ବାଲିଆପାଳ ବ୍ଲକର ଅତିରକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଏହି ବିଭାଗରେ କାର୍ଯ୍ୟ ମଧ ଠିକ୍ ଭାବେ ତ୍ୱରାନିତ ହୋଇପାରୁନାହି। ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେଇ ଖାଲିପଡିଥିବା ପଦବୀଗୁଡିକ ପୂରଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।



ପୁସ୍ତକ 'ବେଣୁସ୍ୱନ ସ୍ମୃତିସୁଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ବେଣୁସ୍ୱନ ସ୍ମୃତିସୁଧା' ଉନ୍ମୋଚିତ

**ଖଇରା, ୧୦।୫(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଡାଲଙ୍ଗ ଗ୍ରାମର ଆଦର୍ଶ ପରୋପକାରୀ, ମାନବାଦୀ, ବହୁ ସଙ୍ଗଠନର ପୃଷ୍ଠପୋଷକ ତଥା ଶହୀଦ ଜନ କଲ୍ୟାଣ ପରିଷଦର ସଭାପତି ଇଂ. ବେଣୁଧର ପାଣିଗ୍ରାହୀଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଗୁରୁବାର ଡାଲଙ୍ଗ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ପାଣିଗ୍ରାହୀଙ୍କ ଉତ୍ତମ ବନ୍ଧୁ ଡା. ବିଭୁ ପ୍ରସାଦ ଦାସ, ଡା. ସୁପ୍ରଭା ଦାସ, ସ୍ୱାଧୀନତା ସଂଗ୍ରାମୀ ତ୍ରୈଲୋଚନ ଜେନା, କବି ଲମ୍ବୋଦର ନନ୍ଦ, ବସନ୍ତ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ, ରାଧାକାନ୍ତ ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ରାଧାଶ୍ୟାମ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ମଣ୍ଡଳ, ପଣ୍ଡିତ କୈଳାସ ଚନ୍ଦ୍ର ପୃଷ୍ଟି, ମଧୁସୂଦନ ରାଉଳ, ତୁଳସୀ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ସହରରେ ରହି ମଧ ଗାଁ ମାଟିକୁ ଭଲ ପାଉଥିବା ସ୍ୱର୍ଗତ ପାଣିଗ୍ରାହୀଙ୍କ ବିଭିନ୍ନ ଗୁଣ ଉପରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପାଣିଗ୍ରାହୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ପୁସ୍ତକ ବେଣୁସ୍ୱନ ସ୍ମୃତିସ୍ୱଧା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୁପ୍ରୀତି ମିଶ୍ର, ଡା. ରୁଦ୍ର ଆଚାର୍ଯ୍ୟ, ଡ. ଇଶାନ ପାଣିଗ୍ରାହୀ, ଡ ଇନୁଶ୍ରୀ ପାଣିଗ୍ରାହୀ ଓ ଦୀପ୍ତି ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଫନୀ କ୍ଷତିଗ୍ରସ୍ତଙ୍କୁ ଭେଟିଲେ ନବଜ୍ୟୋତି

**ବାଲେଶ୍ୱର ଅଫିସ, ୧୦।୫**



କଂଗ୍ରେସ କର୍ମୀମାନଙ୍କ ସହ ନବଜ୍ୟୋତି ପଟ୍ଟନାୟକ ଆଲୋଚନା କରୁଛନ୍ତି।

କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ବାଲେଶ୍ୱର ସଦର ଓ ବଡ଼ସାହି ନିର୍ବାଚନମଣ୍ଡଳୀର ଚାନ୍ଦିପୁର, ମିର୍ଜାପୁର ଓ ପରିଖି ଆଦି ଅଞ୍ଚଳ ବୁଲିବା ସହ ବଡ଼ସାହିର ୩୫, ୩୬ ଓ ୩୭ ନଂ. ଜୋନ, ମାଣିତ୍ରୀ, ବଡ଼ସାହି, ବେତନଟୀ ବାତ୍ୟା ପ୍ରଭାବିତଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ନବଜ୍ୟୋତି ସଦର ବଡ଼ସାହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପୃଥକ ପୃଥକ କର୍ମୀ ସମାବେଶରେ ଯୋଗଦେଇ ସଦ୍ୟସମାପ୍ତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଅକୁଣ୍ଠ ସହାୟତା କରିଥିବାରୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ଏହାସହିତ ଦଳମତ ନିର୍ବିଶେଷରେ ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀର ମତଦାତାମାନେ ତାଙ୍କୁ ଓ ଦଳକୁ ସମ୍ମାନ, ଶ୍ରଦ୍ଧା ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଫଳାଫଳ ଯାହା ହେଉନା କାହିଁକି ଦଳକୁ ତୃଣମୂଳ ସ୍ତରରେ ସଙ୍ଗଠିତ କରି ପଞ୍ଚାୟତରୁ ବ୍ଲକସ୍ତରୀୟ ପର୍ଯ୍ୟନ୍ତ ଚାଲିଥିବା ପିସି କାରବାର ଏବଂ ଇନ୍ଦିରା ଆବାସ ଦୁର୍ନୀତି, ଏମ୍‌ଜିଏନଆରଇଜିଏସ୍ ଦୁର୍ନୀତି ବନ୍ଦ କରିବା ପାଇଁ ଅଧିକ ସଙ୍ଗଠିତ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଯୋଜନା ନାମରେ ଚାଲିଥିବା ହରିଲୁଟ୍‌କୁ ଦଳ ସଙ୍ଗଠିତ ଭାବେ କିପରି ବିରୋଧ କରିବ ତା'ର ଏକ ବ୍ଲୁପ୍ରିଣ୍ଟ କର୍ମୀଙ୍କ ଆଗରେ ସେ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ୱାର୍ଡ ଓ ବୁଥ୍‌ରୁ ଦଳକୁ ମଜଭୁତ କରି ଲୋକଙ୍କ ସମସ୍ୟା ସହ କର୍ମୀମାନେ ଜଡ଼ିତ ରହି ଆଗାମୀ ଦିନରେ ଉଭୟ ନିର୍ବାଚନୀ ମଣ୍ଡଳୀରେ ଦଳ ଶକ୍ତିଶାଳୀ ହେବା ସହ ଜନପ୍ରିୟ ହେବ ବୋଲି ସେ କହିଥିଲେ। ମୟୂରଭଞ୍ଜ ଜିଲା ସଭାପତି ହେମନ୍ତ ଦାସ, ପିସିସି ସେକ୍ରେଟାରୀ ଅଜିତ୍ ଜେନା, ହରମୋହନ ଦାସ, ବଡ଼ସାହି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବଯାନୀ ବେହେରା ପ୍ରମୁଖଙ୍କ ସହ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ଓ ସଦସ୍ୟା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସରିଲା ମା' ଦାଣ୍ଡକାଳୀଙ୍କ ବାର୍ଷିକ ଉତ୍ସବ

**ବାହାନଗା, ୧୦।୫(ଡି.ଏନ.ଏ.)**

ବାହାନଗା ବ୍ଲକ ଖନ୍ତାପଡାସ୍ଥିତ ସୁଠଙ୍ଗ ଗ୍ରାମ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ମା' ଦାଣ୍ଡକାଳୀ ଙ୍କ ୪୪ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଯଜ୍ଞର ପୁର୍ଣ୍ଣାହୂତି ହେବା ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ରେବତୀ ମହାନ୍ତି ଓ କର୍ତ୍ତା ଭାବେ ସୃଷ୍ଟିଧର ମହାନ୍ତି, ମଲ୍ଲିକା ମହାପାତ୍ର, ନିରଞ୍ଜନ ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ପୂଜାରେ ମୁଖ୍ୟ ଉଦ୍ୟୋକ୍ତା ଲକ୍ଷ୍ମଣ କୁମାର ଦା, କାର୍ତ୍ତୀକ ଦାଶ, ରମାକାନ୍ତ ପାତ୍ର, ଲକ୍ଷ୍ମୀଧର ପାତ୍ର, ମଧୁସୂଦନ ବାରିକ, ବଳରାମ ନାୟକ, କୈଳାସ ଚନ୍ଦ୍ର ନାୟକ, ନିରଞ୍ଜନ ମହାନ୍ତି, କଳ୍ପଜିତ୍ ପାତ୍ର, ନିରଞ୍ଜନ ମହାଳିକ, ଶିବ ପ୍ରସାଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

**ଜୁନ୍-2019 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ଡିପୋ/ମଣ୍ଡଳ | ତାରିଖ |
|---|---|---|
| ଜୁନ୍ -2019 | ଡିପୋ ମଞ୍ଚେଶ୍ୱର | 03.06.2019 (ସୋମବାର), 10.06.2019 (ସୋମବାର), 18.06.2019 (ମଙ୍ଗଳବାର) ଏବଂ 29.06.2019 (ଶନିବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 04.06.2019 (ମଙ୍ଗଳବାର), 11.06.2019 (ମଙ୍ଗଳବାର), 19.06.2019 (ବୁଧବାର) ଏବଂ 27.06.2019 (ଗୁରୁବାର) |
| | ୱାଲ୍ଟିୟର ମଣ୍ଡଳ | 06.06.2019 (ଗୁରୁବାର), 13.06.2019 (ଗୁରୁବାର), 20.06.2019 (ଗୁରୁବାର) ଏବଂ 28.06.2019 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 07.06.2019(ଶୁକ୍ରବାର),17.06.2019 (ସୋମବାର) ଏବଂ 26.06.2019 (ବୁଧବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଂଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

PR-68/K/19-20 | ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର




ପ୍ରସ୍ତୁତି ବୈଠକରେ ଯାତ୍ରା କଳାକାର ସଂଘର କର୍ମକର୍ତ୍ତା।

## ଜୁନ୍ ୧୬ରେ ଯାତ୍ରା କଳାକାର ସଂଘର ବାର୍ଷିକ ସମ୍ମିଳନୀ

**ଜଳେଶ୍ୱର, ୧୦।୫(ଡି.ଏନ.ଏ.)**

ଆସନ୍ତା ଜୁନ୍ ୧୬ତାରିଖରେ ବାଲେଶ୍ୱର ଜିଲା ଯାତ୍ରା କଳାକାର ସଂଘ ତରଫରୁ ଭୋଗରାଇ ବ୍ଲକ ଥାନା ଛକ କମ୍ୟୁନିଟି ସେଣ୍ଟରରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ସମ୍ମିଳନୀକୁ ସଫଳ ପାଇଁ ଏକ ପ୍ରସ୍ତୁତି ବୈଠକ ଜଳେଶ୍ୱର ସହର ନନ୍ଦିକା ଗ୍ରାମସ୍ଥିତ ନନ୍ଦିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଗୌରାଙ୍ଗ ଚରଣ ଦାସ ବୈଠକରେ ଅଧକ୍ଷତା କରିଥିଲେ। ସମ୍ମିଳନୀରେ ଯାତ୍ରା ଜଗତର ଅଭିନେତ୍ରୀ, ଅଭିନେତା ଓ ବହୁ କଳାକାର ଯୋଗଦେବାର ନିଷ୍ପତ୍ତି ହୋଇଛି। ଏଥିସହିତ ବିଶିଷ୍ଟ ତଥା ସଫଳ କଳାକାରଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା ଦିଆଯିବା ସହିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବୈଠକରେ ସଂଘର ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ସାଂସ୍କୃତିକ ସମ୍ପାଦକ ରାଧାକୃଷ୍ଣ ଗିରି, ସଦସ୍ୟ ପଲଟୁ ସାହୁ, ଶମ୍ଭୁନାଥ ବେହେରା, ଖଗେନ୍ଦ୍ର ଦାସ, ତପନ ମିଶ୍ର, ରାମଚନ୍ଦ୍ର ବିଶ୍ୱାଳ, ସତ୍ୟଗୋପାଳ ଗିରି, ସଦାଶିବ ଆଇଚ ଓ ସରୋଜ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟ ଶରତଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। 'ଫନୀ' କ୍ଷତିଗ୍ରସ୍ତଙ୍କ ସହାୟତା ନିମନ୍ତେ ସଂଘ ତରଫରୁ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସଂଘ ସଭାପତି ତଥା ଅଭିନେତା ଗୌର ପ୍ରକାଶ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

**ଖଇରା,୧୦।୫(ଡି.ଏନ.ଏ.)**

ଖଇରା ବ୍ଲକ ବଇଞ୍ଚଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ପ୍ରସାଦ ଦାସଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଗଣଶିକ୍ଷକ ସଂଘ(ଏକ୍ସକ୍ୟାଡର) ଖଇରା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖଇରା ଶାଖା ସଭାପତି ଜନାର୍ଦ୍ଦନ ସାମଲ ଏଥିରେ ପୌରୋହିତ୍ୟ କରିଥିଲେ। ରାଜ୍ୟ ସଭାପତି ଶରତ କୁମାର ନାୟକ, ଜିଲା ସଭାପତି ଗଙ୍ଗାନାରାୟଣ ପାଢୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଜଣକ ବିନା ବେତନରେ ଚାକିରି ଶେଷ ପର୍ଯ୍ୟନ୍ତ କାମ କରି ଅବସରର କିଛି ମାସ ପୂର୍ବରୁ ଚାକିରି ନିୟମିତ ହୋଇଥିବା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କମଳଲୋଚନ ଜେନା, ପୂର୍ବତନ ଏସ୍‌ଆଇ ବିଷ୍ଣୁପ୍ରସାଦ ବହଳୀ, ଯୁଗ୍ମ ସମ୍ପାଦକ ତପନ କୁମାର ତ୍ରିପାଠୀ, ଓଲୋଷ୍ଟାର ସଭାପତି ଦାମୋଦର ସେଣ୍ଠ, ଏବିଇଓ ସୁଦର୍ଶନ ରାଉତ, ଶିକ୍ଷକ ନେତା ସୁଦର୍ଶନ ସେଠୀ, ମହେନ୍ଦ୍ର କୁମାର ବଡୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ଶିକ୍ଷକ ଅପେକ୍ଷା ତାଙ୍କ କଳା ଓ ସଂସ୍କୃତିର ଚାତୁରୀ ପାଇଁ ଛାତ୍ରୀଛାତ୍ରଙ୍କ ସ୍ମୃତିରେ ଅନେକ ଦିନ ପର୍ଯ୍ୟନ୍ତ ରହିବେ ବୋଲି ପ୍ରକାଶ କରିଥିଲେ। ଖଇରା ବ୍ଲକର ସମସ୍ତ ଏକ୍ସ-କ୍ୟାଡର ଗଣଶିକ୍ଷକ ଏଥିରେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ଖଣି ତଦାରଖ କଲେ ରାଜ୍ୟ ମୁଖ୍ୟ ବନସଂରକ୍ଷକ

**ଖଇରା, ୧୦।୫(ଡି.ଏନ.ଏ.):** ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ସଞ୍ଜୀବ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ବାଲେଶ୍ୱର ଜିଲା ଖଇରା ଓ କପ୍ତିପଦା ତହସିଲ ଅଧୀନରେ ଥିବା ଶାରୀଶୂଆ ପାହାଡର ବିଭିନ୍ନ ଖଣି ପରିଦର୍ଶନ କରି ଫେରିଛନ୍ତି। ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ଏହି ଟିମ୍ ବେଆଇନ ଭାବେ ଚାଲୁଥିବା ଖଣି, କେତେକ ଖଣି ମାଲିକଙ୍କ ଦ୍ୱାରା ପରିବେଶ ଆଇନକୁ ଉଲ୍ଲଘଂନ କରାଯାଇ ନିର୍ମାଣ ହେଉଥିବା ରାସ୍ତା, ପଥର ଉତ୍ତୋଳନ ପାଇଁ ବ୍ୟବହୃତ ହେଉଥିବା ବଡ ବଡ ମେଶିନକୁ ବୁଲି ଦେଖିଥିଲେ। ତ୍ରିପାଠୀଙ୍କ ସହ ଆଞ୍ଚଳିକ ବନ ସଂରକ୍ଷକ ଅମିତାଭ ବ୍ରହ୍ମା, ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା, ବାରିପଦା ଡିଏଫଓ ସ୍ୱୟଂ ମଲ୍ଲିକ, ରେଞ୍ଜର ପ୍ରଦୀପ କୁମାର ଜେନା, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ଖଇରା ତହସିଲଦାର ପ୍ରଦୀପ ସାହୁ, ଅତିରିକ୍ତ ତହସିଲର ବିଭାସ ରଞ୍ଜନ ପାଣିଗ୍ରାହୀ, ଖଣି ଅଧିକାରୀ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଏ ସମ୍ପର୍କରେ ରେଞ୍ଜର ଜେନାଙ୍କୁ ଯୋଗାଯୋଗ କରିବାରେ ଗ୍ରିନ ଟ୍ରିବ୍ୟୁନାଲରେ ଏକ ଏନଜିଓ ପକ୍ଷରୁ ଅଭିଯୋଗ ପରେ ଟ୍ରିବ୍ୟୁନାଲ ନିର୍ଦ୍ଦେଶକ୍ରମେ ଟିମ୍ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହାକୁ ବନ ସଂରକ୍ଷକଙ୍କ ପକ୍ଷରୁ ଟ୍ରିବ୍ୟୁନାଲକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ପ୍ରକାଶଥାଉ କି, ବର୍ତ୍ତମାନ ଏହି ପାହାଡରେ ୯୭ଟି ଖଣି ଚାଲୁଥିବା ବେଳେ କେତେକ ଖଣି ମାଲିକ ଖୁଲମଖୁଲା ନିୟମ ଉଲ୍ଲଂଘନ କରି ଚୁକ୍ତିଠାରୁ ୧୦ଗୁଣରୁ ଅଧିକ ପଥର ଉତ୍ତୋଳନ କରିବା ଘଟଣା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା।


No. 04-AA

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF**
**ELECTRICITY-CUM-PRINCIPAL**
**CHIEF ELECTRICAL INSPECTOR, ODISHA**
**3RD FLOOR HEADS OF DEPARTMENT BUILDING**
**BHUBANESWAR- 751001**

Phone- **0674-2394572**, Email: **secyelbo@nic.in**

**NOTICE**

No. ELBO/Fani/125/2019/455/Dated Bhubaneswar, the 10.05.2019

ଇତିମଧ୍ୟରେ ବହୁତ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର ଆମର ନୋଟିସ ଅନୁସାରେ ଆମ ପାଖରେ ରିପୋର୍ଟ କରିସାରିଲେଣି।

ଯେଉଁ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର 'ମେ' ମାସ ୧୦ତାରିଖ ସୁଦ୍ଧା ତାଙ୍କର ଗ୍ୟାଙ୍ଗ ସହ ବାତ୍ୟା "ଫନି"ର ପୁନଃଉଦ୍ଧାର କାର୍ଯ୍ୟରେ ଯୋଗଦେବାରେ ବିଫଳ ହୋଇଛନ୍ତି, ସେମାନଙ୍କୁ ଅନ୍ତିମ ସୁଯୋଗ ସ୍ୱରୂପ ଆସନ୍ତା 'ମେ' ମାସ ୧୨ତାରିଖ ୧୨ଟା ସୁଦ୍ଧା ତାଙ୍କ ଅଧୀନସ୍ଥ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଅନ୍ୟଥା ଲାଇସେନ୍ସ ରଦ୍ଦ ହୋଇଯିବ।

**ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଓଡ଼ିଶା।**

04004/11/0004/1920

## ଆଜି କ'ଣ କେଉଁଠି

ଭଦ୍ରକ

- ଦୁଇଦିନିଆ ଅନ୍ତର୍ଜାତୀୟ ନର୍ସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାଳନ୍ଦୀ ହସ୍ପିଟାଲ ପରିସର, ମୋଟେଲ ଛକ, ସମୟ: ସକାଳ ୮ଟା ୩୦ରୁ ଆରମ୍ଭ।
- ୧୮ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନ ପ୍ରତିଯୋଗିତା, ସ୍ଥାନ: ମହାରାଜା ଅଗ୍ରେସନ ଭବନ, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ପୁରୀକୁ ସହାୟତାର ହାତ ବଢ଼ାଇଲା ଭଦ୍ରକ ପ୍ରଶାସନ



**ଭଦ୍ରକ ଅଫିସ, ୧୦।୫:** ଫନୀର କରାଳ ତାଣ୍ଡବରେ ପୁରୀ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ପୁରୀରେ ପାଣି ଟୋପେ ପିଇବା ପାଇଁ ମଧ ମିଳୁନି। ପୁରୀ ବାସିନ୍ଦାଙ୍କୁ ସହାୟତା ପାଇଁ ବହୁ ସାମାଜିକ ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇଛି। ପ୍ରଶାସନ ପକ୍ଷରୁ ବୁଧବାରଠାରୁ ବର୍ତ୍ତମାନ ସୁଦ୍ଧା ୨୫ଟି ୪୦୭, କ୍ୟାଣ୍ଟର ଓ ୭୦୯ ଟ୍ରକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ସକାଶେ ପୁରୀକୁ ପଠାଯାଇଥିବା ବେଳେ ଗୁରୁବାର ଆଉ ୭୫ ଟ୍ରକ୍ ଓ ପଲିଥିନ୍ ପଠାଯାଇଛି। ସେଠାରେ ବିଦ୍ୟୁତ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା, ଭାଙ୍ଗିପଡ଼ିଥିବା ଗଛ ସ୍ଥାନାନ୍ତର ଭଳି ବିଭିନ୍ନ କାର୍ଯ୍ୟରେ ଏହି ଟ୍ରକ ସବୁ ନିୟୋଜିତ କରାଯିବ। ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁ ପୁରୀ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅବସ୍ଥାରେ ସୁଧାର ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆହୁରି ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ ପ୍ରକାଶ କରିଛନ୍ତି। ସେହିଭଳି ସାମାଜିକ ସଂଗଠନ ଭଦ୍ରକ ସୋସିଆଲ ସର୍ଭିସ୍(ବିଏସ୍ଏସ୍) ଓ ନେତାଜୀ ସୁଭାଷ ବାହିନୀ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ, ଶୁଖିଲା ଖାଦ୍ୟ, ବସ୍ତ୍ର, ବିସ୍କୁଟ ଓ ପାଣି ବୋତଲ ଗାଡ଼ିରେ ନିଆଯାଇ ବଣ୍ଟନ କରି ଫେରିଥିବା ସୂଚନା ମିଳିଛି।

### ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ବାସୁଦେବପୁର, ୧୦।୫ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡିଆ ପଞ୍ଚାୟତ କମାରଗାଁ ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଶରତ କୁମାର ପଣ୍ଡାଙ୍କର ଶୁକ୍ରବାର ପରଲୋକ ଘଟିଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିବାରୁ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ବର୍ଗର ଲୋକେ ଆସି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଛି। ପ୍ରକାଶ ଯେ, ସେ କାର୍ଗିଲ ଯୁଦ୍ଧରେ ଆହତ ହୋଇ ଗୋଟିଏ ଗୋଡ଼ ହରାଇଥିଲେ। ପରେ ତାଙ୍କୁ ଅବସର ନେବାକୁ ପଡ଼ିଥିଲା।

ଅଫିସ ବାହାରେ ୪ ମହିଳା ସୁପରଭାଇଜର ରାତି କାଟିବା ଘଟଣା

### ଉପଜିଲାପାଳଙ୍କୁ ଜଣାଇଲେ ବିଡିଓ

**ଭଣ୍ଡାରିପୋଖରୀ, ୧୦।୫ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସମନ୍ୱିତ ଶିଶୁ ବିକାଶ ଅଫିସ ବାହାରେ ୪ ମହିଳା ସୁପରଭାଇଜର ରାତି କାଟିବା ଘଟଣା ସମ୍ପର୍କରେ ବିଡିଓ ବନମାଳୀ ତରାଇ ଉପଜିଲାପାଳଙ୍କୁ ଜଣାଇଛନ୍ତି। ଭଦ୍ରକ ଉପଜିଲାପାଳଙ୍କୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଓ ସୁପାରିଶ କରିଥିବା ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ବାତ୍ୟା ପାଇଁ ଗତ ୨ ତାରିଖ ରାତିଅଧରେ ସେଠାକାର ଜଣେ ଅଧିକାରୀ ଏହି ୪ ସୁପରଭାଇଜରଙ୍କୁ ବାହାରେ ରଖି ତାଲା ପକାଇ ଘରକୁ ଚାଲିଯାଇଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଭଦ୍ରକ ଅଫିସ, ୧୦।୫:** ଭଦ୍ରକ ପୌରପାଳିକା ଅଧୀନ ଜଗନ୍ନାଥପୁର ଗ୍ରାମର ସାମାଜିକ କର୍ମୀ ପ୍ରଦୀପ ଚନ୍ଦ୍ର ମହାନ୍ତି(୮୨)ଙ୍କର ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଅନ୍ତିମ ସଂସ୍କାର ସମୟରେ ତାଙ୍କର ଚାରିପୁଅ, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ ଉପସ୍ଥିତ ଥିଲେ।

# ଫନୀ ପରେ ତାତି ଭୟ

**ଆରଡ଼ି, ୧୦।୫ (ଡି.ଏନ.ଏ.)**



ପ୍ରବଳ ଖରାରେ ମଠଡିହ ବଜାର ଜନଶୂନ୍ୟ।

- ଘରୁ ବାହାରୁ ନାହାନ୍ତି ଲୋକେ
- ସକାଳୁ ରାସ୍ତାଘାଟ ହୋଇଯାଉଛି ଶୂନ୍‌ଶାନ
- ପାନୀୟଜଳ ଅଭାବ ସାଙ୍ଗକୁ ବିଦ୍ୟୁତ୍ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ଫନୀ ପରେ ଏବେ ଖରା ତାତି ଭୟ। ଅସହ୍ୟ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ। ଗରମରେ ସିଝୁଛନ୍ତି ଲୋକେ। କେହି ଘରୁ ବାହାରୁ ନାହାନ୍ତି। ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଓ ଏହାର ଆଖପାଖ ଅଞ୍ଚଳରେ ଅଂଶୁଘାତ ଭୟ ଦେଖାଦେଇଛି। ଗୁରୁବାର ଓ ଶୁକ୍ରବାର ଏସବୁ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ରହିଥିଲା। ଫଳରେ ସକାଳ ପ୍ରାୟ ୯ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଇଥିଲା। ବାତ୍ୟା 'ଫନୀ' ତାଣ୍ଡବ ପରେ ପ୍ରବଳ ଗ୍ରୀଷ୍ମପ୍ରବାହ ଏଠାକାର ଅଧିବାସୀଙ୍କୁ ହନ୍ତସନ୍ତ କରୁଛି। ଫନୀ କ୍ଷୟକ୍ଷତି ଆକଳନ ପାଇଁ ତହସିଲ କର୍ମଚାରୀ ଗାଁ ଗାଁ ବୁଲୁଥିଲେ ମଧ ଲୋକେ ଘରୁ ବାହାରିବାକୁ ନାରାଜ ହେଉଛନ୍ତି। ଆଖଣ୍ଡଳମଣି ପୀଠ ଆରଡ଼ିକୁ ଯାତ୍ରୀମାନେ ପୂର୍ବଭଳି ଆଉ ଆସୁ ନ ଥିବା ପରିଲକ୍ଷିତ ହୋଇଛି। ସେହିପରି ଭଦ୍ରକରୁ ଆରଡ଼ି ବସ୍ ଚଳାଚଳରେ ମଧ୍ୟ ବାଧା ଉପୁଜିଛି। ଆରଡ଼ି ସମେତ ମଠଡିହ, ଦୋହରାପାଟଣା ସୁନ୍ଦରପୁର, ବେତାଳିଗାଁ, ରଇପୁର, କଣ୍ଟିକା, ବାଙ୍କସାହି ଆଦି ବଜାରରେ ଅଧିକାଂଶ ଦୋକାନ ଖରା ଯୋଗୁ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଏସବୁ ଅଞ୍ଚଳରେ ବାତ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଅଦ୍ୟାବଧି କେତେକ ଗାଁ ଅନ୍ଧାରରେ ରହିଛି। ଏହିସବୁ ଗାଁରେ ପାନୀୟଜଳର କୃତ୍ରିମ ଅଭାବ ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଉଛି। ବିଦ୍ୟୁତ୍ ସଜଡ଼ା ହେଉଥିବାରୁ ବାରମ୍ବାର ବିଦ୍ୟୁତ୍ କାଟ୍ ସମସ୍ୟାକୁ ବହୁଗୁଣିତ କରିଛି। ରାତିରେ ମଧ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ସମ୍ପର୍କିତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଏପରିକି ଏଠାରେ ଅଂଶୁଘାତ ନେଇ ସତର୍କ ସୂଚନା ମଧ ଦିଆଯାଇ ନ ଥିବା କୁହାଯାଉଛି। ଆଉ ଦିନେ କି ଦୁଇଦିନ ସମ୍ପୃକ୍ତ ଅଞ୍ଚଳରେ ଏଭଳି ସ୍ଥିତି ଲାଗିରହିଲେ ଅଂଶୁଘାତଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ଦିଗରେ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## 'ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହ ଥଇଥାନ କରାଯାଉ'



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୧୦।୫**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ର ଭଦ୍ରକ ଜିଲା ଶାଖା ପକ୍ଷରୁ ଫନୀ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଓ ଥଇଥାନ ଦାବିରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ତ ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା।

ଫନୀ ଯୋଗୁ ଭଦ୍ରକ ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ଚାଳଛପର ଓ ଆଜ୍‌ବେଷ୍ଟସ ଘର ଭାଙ୍ଗିଯାଇଥିବା ବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇଛନ୍ତି। ଡାଲୁଅ ଧାନ, ପନିପରିବା ଓ ବିଭିନ୍ନ ଫଳ ଜାତୀୟ ବୃକ୍ଷ ନଷ୍ଟ ହୋଇଯାଇଛି। ସେହିପରି ଜିଲାରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଏବେ ଗ୍ରାମାଞ୍ଚଳରେ ମାତ୍ର ୨ରୁ ୩ ଘଣ୍ଟା ବିଦ୍ୟୁତ୍ ରହୁଛି। ବିଦ୍ୟୁତ୍ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ଅଧିକ ସଂଖ୍ୟକ ନିଯୁକ୍ତି ଦିଆଯାଉ ନାହିଁ। ଏହି ଅବ୍ୟବସ୍ଥାକୁ ସଜାଡିବା ସକାଶେ ସିପିଆଇ(ଏମ୍) ଦାବି କରିଛି। ଫନୀ ବାତ୍ୟାରେ ଘର ହରାଇଥିବା ସମସ୍ତ ପରିବାରକୁ ପକ୍କାଘର ପ୍ରଦାନ, ପକ୍କାଘର ନିର୍ମାଣ ପର୍ଯ୍ୟନ୍ତ ପଲିଥିନ ଯୋଗାଣ, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ଜିଲା ପ୍ରଶାସନ ପକ୍ଷରୁ ଅଧିକ ସଂଖ୍ୟକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ବିଦ୍ୟୁତ୍ ଭିତ୍ତିଭୂମିକୁ ତୁରନ୍ତ ମଜ୍‌ଭୁତ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସିପିଆଇ(ଏମ୍)ର ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢୀ, ମଳୟ ଭୋଇ, ପ୍ରଭାସ ମହାପାତ୍ର, ଜିଲା କମିଟି ସଭ୍ୟ ବିକାଶ ନାଥ, ବିଷ୍ଣୁ ଦାଶ, ଅଭିରାମ ବଳ, ଗୟାଧର ସାହୁ, ଦୁର୍ଗାଚରଣ ଅଧିକାରୀ, ଫକୀର ସ୍ୱାଇଁ ଓ ବିନୋଦ ସାହୁ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ, ପ୍ରଫେସର କୈଳାସ ଚନ୍ଦ୍ର ଜେନା, ଯୁବନେତା ଦିଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ ଚୋରି ଗାଈ ଉଦ୍ଧାର, ଚୋର ର୍‍ୟାକେଟ ସକ୍ରିୟ

**ବନ୍ତ, ୧୦।୫ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ଓ କୋଳିପଦି ଗ୍ରାମର କେତେକ ଲୋକଙ୍କର ଏକକାଳୀନ ୨୦ରୁ ଊର୍ଦ୍ଧ୍ୱ ଗାଈ ଗୁରୁବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ସହ ଗାଈ ମାଲିକମାନେ ଆଲୋଚନା କରିଥିବା ବେଳେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। କୌଣସି ସୂତ୍ରରୁ ଖବର ପାଇ ପ୍ରଦୀପ ପୁହାଣ, ଅଖୁଜି ନାୟକ ଭଦ୍ରକ ପୋଲିସ ସହାୟତାରେ ଶୁକ୍ରବାର ଅପରାହ୍ନରେ ୧୨ ଗାଈ ଉଦ୍ଧାର କରିଛନ୍ତି। ଭଦ୍ରକ ପୁରୁଣାବଜାର ୨୮ ନମ୍ବର ୱାର୍ଡରେ ଏକ ମସ୍‌ଜିଦ ନିକଟରେ ଏହି ଗାଈଗୁଡିକ ବନ୍ଧା ଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ପୁରୁଷଣ୍ଡ ଗ୍ରାମର ନୃସିଂହ ଖୁଣ୍ଟିଆଙ୍କର ୫, ବିଜୟ ପୁହାଣଙ୍କର ୪, ନବ ସାହୁଙ୍କର ୨, କାଳିଆ ମହାକୁଡଙ୍କର ଗୋଟିଏ ଓ ଅଖୁଜି ନାୟକଙ୍କ ଗୋଟିଏ ଗାଈ ସମେତ ଅନ୍ୟ କେତେକ ଲୋକଙ୍କ ଗାଈ ନିଖୋଜ ଥିଲେ। ଗୁରୁବାର ସକାଳୁ ଗାଈଗୁଡ଼ିକ ଚରିବା ପାଇଁ ବିଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ଗାଈ ମାଲିକମାନେ ଖୋଜାଖୋଜି କରି ପାଇ ନ ଥିଲେ। ଧୀରେ ଧୀରେ ଏତେସଂଖ୍ୟକ ଗାଈ ନିଖୋଜ ଥିବା ଜଣାପଡ଼ିବା ପରେ ବିଲରୁ ଚୋରି ହୋଇଥିବା ସନ୍ଦେହ କରାଯାଇଥିଲା। ଏକ ଚୋରି ର୍‍ୟାକେଟ ସକ୍ରିୟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ପୁରୁଷଣ୍ଡ ଗାଁର ଯୁବକମାନେ ମିଳିତ ଭାବେ ବିଭିନ୍ନ ଜାଗାରେ ନଜର ରଖିବା ସହ ଚୋରି ର୍‍ୟାକେଟ୍‌କୁ ଧରିବାକୁ ଚେଷ୍ଟା ଜାରି ରଖିଥିବା ପ୍ରଦୀପ ପୁହାଣ କହିଛନ୍ତି।

# ଚଣ୍ଡିଗାଁକୁ ବୀମା ଗ୍ରାମ ଘୋଷଣା

**ଭଦ୍ରକ ଅଫିସ, ୧୦।୫**

ଭାରତୀୟ ଜୀବନ ବୀମା ପକ୍ଷରୁ ଭଦ୍ରକ ବ୍ଲକର ଚଣ୍ଡିଗାଁକୁ ବୀମା ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସେଠାରେ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା। ଚଣ୍ଡିଗାଁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ନନ୍ଦକିଶୋର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଏଲ୍‌ଆଇସି ମୁଖ୍ୟ ପ୍ରବନ୍ଧକ ପଞ୍ଚାନନ ବେହେରା ମୁଖ୍ୟଅତିଥି ଏବଂ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ପଣ୍ଡା, ଉପଶାଖା ପରିଚାଳକ କୃଷ୍ଣମୋହନ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଗୋବର୍ଦ୍ଧନ ପଣ୍ଡା, ଅଭିକର୍ତ୍ତା ଆଲୋକ ରଞ୍ଜନ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏଲ୍‌ଆଇସି ଓ ବୀମା ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଗ୍ରାମକୁ ବୀମା ଗ୍ରାମ ଘୋଷଣା କରାଯାଇ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବନମାଳୀ ବେହେରା, ସନାତନ ବେହେରା, ନରେଶ ବଳ, ପରେଶ ବଳ, ଦୁର୍ଯ୍ୟୋଧନ ମହାକୁଡ, ନିମାଇଁ ଚରଣ ବେହେରା ଓ କୈଳାସ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

- ମରାମତି ହେଉନି ବିଦ୍ୟୁତ୍ ଟ୍ରାନ୍ସଫର୍ମର

# ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା

**ବାସୁଦେବପୁର, ୧୦।୫ (ଡି.ଏନ.ଏ.)**



ଉପଭୋକ୍ତାମାନେ ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଶରତରପୁର ଗ୍ରାମରେ ପ୍ରାୟ ଦେଢ଼ମାସରୁ ଊର୍ଦ୍ଧ୍ୱ ଦିନ ଧରି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇ ପଡ଼ିରହିଛି। ଏହାକୁ ମରାମତି କରାଯାଉ ନ ଥିବା ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ଶତାଧିକ ଗ୍ରାମବାସୀ ବାସୁଦେବପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ହୋହଲ୍ଲା କରିଥିଲେ। ବାରମ୍ବାର ଏ ସମ୍ପର୍କରେ ବିଭାଗକୁ ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଉପଭୋକ୍ତାମାନେ ଅଫିସ ଆଗରେ ଧାରଣାରେ ବସିବା ସହ କିଛି ସମୟ ପାଇଁ ତାଲା ପକାଇ ଦେଇଥିଲେ। ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ଆଉଟୁପାଉଟ ହେଉଛନ୍ତି। ପ୍ରାୟ ଦେଢ଼ମାସ ହେବ ଉକ୍ତ ଗାଁ ଓ ଏହା ସଂଲଗ୍ନ ଅଞ୍ଚଳ ଅନ୍ଧାରରେ ରହୁଥିବା ସହ ଲୋକେ ଗରମରେ ସିଝୁଛନ୍ତି। ଛାତ୍ରୀଛାତ୍ର ମଧ ବିଦ୍ୟୁତ୍ ନ ଥିବାରୁ ଠିକ୍ ଭାବେ ପାଠ ପଢ଼ି ପାରୁନାହାନ୍ତି। ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଏଭଳି ସ୍ଥିତିରେ ଉକ୍ତ ଟ୍ରାନ୍ସଫର୍ମର ମରାମତି କରାଯାଉ ନ ଥିବାରୁ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ଏହି ପଦକ୍ଷେପ ନେଇଥିଲେ। ଟ୍ରାନ୍ସଫର୍ମର ସଚଳ କରାଯିବା ନେଇ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସେଲ୍ଫି କର୍ଣ୍ଣର



ସସ୍ମିତା



ସତ୍ୟ



ବିଦେଶୀ



ତପନ



ଗାୟତ୍ରୀ



ରଶ୍ମିତା

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

କପ୍ତିପଦା,୧୦।୫(ଡ଼ି.ଏନ୍.ଏ): ଶରତ ଥାନା ରାଣୀପୋଖରୀ କୁମ୍ଭୀରନାଳ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳମଗଡ଼ିଆ ବାଲିଚୁଆ ଗ୍ରାମର ଗୋପାଳ ମୁଣ୍ଡା(୩୫)। ଅନନ୍ତ ସିଂ (୨୬)ଙ୍କ ସହ ଗୋପାଳ ଏକ ବାଇକରେ ଶରତ ଆସି ଘରକୁ ଫେରୁଥିବାବେଳେ ରାଣୀପୋଖରୀ ପଞ୍ଚାୟତ କୁମ୍ଭୀରନାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ଏହି ଦୁର୍ଘଟଣାରେ ଅନନ୍ତଙ୍କର ଗୋଡ଼ ଭାଙ୍ଗିଥିବାବେଳେ ଗୋପାଳଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂପର୍କରେ ଶରତ ଥାନାରେ (ନଂ.୧୩/୧୯)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି ।

### ସିନ୍ଧୁପୁର ଗାଁରେ ନାମଯଜ୍ଞ

କପ୍ତିପଦା,୧୦।୫(ଡ଼ି.ଏନ୍.ଏ.): କପ୍ତିପଦା ବ୍ଲକ୍ ଅନ୍ତର୍ଗତ ସିନ୍ଧୁପୁର ଗ୍ରାମରେ ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ମୁହୂର୍ତ୍ତରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଗ୍ରାମର ମହିଳା ଓ ପୁରୁଷ ଏକ କଳସ ଶୋଭାଯାତ୍ରାରେ ଯାଇ କଇଁଥଗଡ଼ିଆ ପୋଖରୀରୁ ଘଟୋତ୍ତଳନ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଉତ୍ସବରେ ଶୁଣ୍ଠଳ, କୋଳିଅଣା, ମଲ୍ଲୀପୋଷି, ସାତଶୋଳ ସଂକୀର୍ତ୍ତନ ମଣ୍ଡଳୀଙ୍କର ହରିନାମ ଧ୍ୱନିରେ ଉକ୍ତ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ଏହି ଅବସରରେ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ନାମଯଜ୍ଞ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

■ ପରୀକ୍ଷାଫଳ ପ୍ରକାଶ ପାଉନି

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

ବାରିପଦା ଅଫିସ,୧୦।୫

ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଉ ନ ଥିବାରୁ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର ସେମାନଙ୍କ ଭବିଷ୍ୟତ ନେଇ ଚିନ୍ତାରେ ପଡ଼ିଛନ୍ତି। ୨୦୧୮ ଜୁନ ସୁଦ୍ଧା ସେମାନେ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଦେଇସାରିଥିଲେ ମଧ୍ୟ ଫଳ ଅଦ୍ୟାବଧି ପ୍ରକାଶ ପାଇନାହିଁ। ଏହା ମଧ୍ୟରେ ଜାନୁୟାରୀରେ ସେମାନେ ପଞ୍ଚମ ଓ ଏପ୍ରିଲରେ ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେଇ ସାରିଛନ୍ତି। ଏସବୁ ପରୀକ୍ଷା ଫଳ ଇତି ମଧ୍ୟରେ ପ୍ରକାଶ ପାଇବା କଥା । ହେଲେ କର୍ତ୍ତୃପକ୍ଷ କେଉଁ କାରଣରୁ ଏହାକୁ ସ୍ଥଗିତ ରଖିଛନ୍ତି ତାହା ବୁଝାପଡୁନାହିଁ। ଛାତ୍ରୀଛାତ୍ରମାନେ ବିଭିନ୍ନ ସମୟରେ ପରୀକ୍ଷା ଫଳ ପ୍ରକାଶ କରିବାକୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଦାବି କରି ଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସାଧାରଣତଃ ୪ର୍ଥ ସେମିଷ୍ଟାର ପରୀକ୍ଷା ପରେ ଛାତ୍ରୀଛାତ୍ର ବିଭିନ୍ନ ସଂସ୍ଥାରେ ଚାକିରି ପାଇଁ ଆବେଦନ କରିଥାନ୍ତି। ଏଠାରେ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବାରୁ ସେମାନେ ଏଥିଲାଗି ଆବେଦନ କରିପାରୁ ନାହାଁନ୍ତି।

କେହି ଚାକିରି ପାଇଁ ଆବେଦନ କରିବାକୁ ଗଲେ ସେମାନଙ୍କୁ ଚତୁର୍ଥ ସେମିଷ୍ଟାରର ମାର୍କ ଲିଷ୍ଟ ଦେବା ଲାଗି ଚାକିରି ପ୍ରଦାନକାରୀ ସଂସ୍ଥା ପକ୍ଷରୁ କୁହାଯାଉଛି। ଉଲ୍ଲେଖନୀୟ ଯେ, କମ୍ପ୍ୟୁଟର ସାଇନ୍ସ, ଜୁଲୋଜି, ବଟାନି, ମ୍ୟାଥମାଟିକ୍ସ, ଇଂଲିଶ, ପଲିଟିକାଲ ସାଇନ୍ସ, ଇତିହାସ, ଓଡ଼ିଆ, ଫିଜିକ୍ସ, କେମେଷ୍ଟ୍ରି, ଏଜୁକେସନ, ସାଇକୋଲୋଜି, ହୋମ ସାଇନ୍ସ, ଜିଓଲୋଜି ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଜୀବେନ୍ଦ୍ର କୁମାର ମନ୍ତ୍ରୀଙ୍କୁ ପଚାରିବାରୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ୪ର୍ଥ ସେମିଷ୍ଟାର ପରୀକ୍ଷା ଫଳ ଏବଂ ପଞ୍ଚମ ଓ ଷଷ୍ଠ ସେମିଷ୍ଟାରର ପରୀକ୍ଷା ଫଳ ଏକ ମାସ ମଧ୍ୟରେ ପ୍ରକାଶ ପାଇବ ବୋଲି କହିଛନ୍ତି। ଛାତ୍ର ବିକାଶ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରୀକ୍ଷା ଫଳ ପ୍ରକାଶ କରିବା ନେଇ ସେମାନେ ବାରମ୍ବାର ସାକ୍ଷାତ କରି ଦାବି କରିଥିଲେ ମଧ୍ୟ ସେମାନଙ୍କ କଥାକୁ କେହି ଶୁଣୁନାହାନ୍ତି। ଛାତ୍ରୀ ମୋନିକା ପାତ୍ର କହିଛନ୍ତି, ବିଭିନ୍ନ ସମୟରେ ସେମାନେ ପରୀକ୍ଷା ଫଳ କେବେ ପ୍ରକାଶ ପାଇବ ପଚାରିବାକୁ ଯାଇ କାହାଠାରୁ ସନ୍ତୋଷ ଜନକ ଉତ୍ତର ନ ପାଇ ଫେରିଛନ୍ତି।

ଉତ୍ତର ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ମୟୂରଭଞ୍ଜ ଜିଲାରେ ଶିକ୍ଷାର ବିକାଶ ପାଇଁ ବାରିପଦା ତକତପୁର ଠାରେ ୧୯୯୮ ମସିହାରେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝର ଜିଲାରେ ରହିଛି। ଉଭୟ ଜିଲାର ପ୍ରାୟ ୮୦ ଟି ଡିଗ୍ରୀ କଲେଜ ଏହି ବିଶ୍ୱ ବିଦ୍ୟାଳୟ ଅଧୀନରେ ରହିଛନ୍ତି। ନିୟମିତ ପରୀକ୍ଷା ଫଳ ପ୍ରକାଶନରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଅବହେଳା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇଛି।

## 'ଫନୀ'ରେ ବ୍ୟାପକ କୃଷିଜାତ ଦ୍ରବ୍ୟ ନଷ୍ଟ

ବାରିପଦା ଅଫିସ,୧୦।୫

ଫନୀ ବାତ୍ୟା ପ୍ରଭାବରେ ମୟୂରଭଞ୍ଜ ଜିଲାର କପ୍ତିପଦା, ଗୋପବନ୍ଧୁ ନଗର ଓ ବଡସାହି ବ୍ଲକରେ ବ୍ୟାପକ କୃଷିଜାତ ଦ୍ରବ୍ୟ ନଷ୍ଟ ହୋଇଛି। କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି କ୍ଷୟକ୍ଷତିର ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରାଯାଇଛି। କପ୍ତିପଦା ବ୍ଲକରେ ୩୦.୪୦ ହେକ୍ଟର, ଗୋପବନ୍ଧୁନଗର ବ୍ଲକରେ ୪ ହେକ୍ଟର ଓ ବଡସାହି ବ୍ଲକରେ ୨୮ ହେକ୍ଟରକୁ ମିଶାଇ ମୋଟ ୬୨.୪୦ ହେକ୍ଟର କୃଷିଜାତ ଦ୍ରବ୍ୟ ନଷ୍ଟ ହୋଇଛି। କ୍ଷତିପୂରଣ ପାଇଁ ୮ ଲକ୍ଷ ୪୨ ହଜାର ୪ଶହ ଟଙ୍କା ଆବଶ୍ୟକ ବୋଲି କୃଷି ଉପନିର୍ଦ୍ଦେଶକ ବିଭାଗକୁ ଜଣାଇଛନ୍ତି।

## ବାତ୍ୟା ପ୍ରପୀଡ଼ିତଙ୍କୁ ମୟୂରଭଞ୍ଜ ପୋଲିସର ସହାୟତା



ଏସ୍‌ପି ରିଲିଫ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

ବାରିପଦା ଅଫିସ,୧୦।୫

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ମୟୂରଭଞ୍ଜ ପୋଲିସ ସହାୟତାର ହାତ ବଢାଇଛି। ଶୁକ୍ରବାର ଏକ ଟ୍ରକ ଯୋଗେ ଭୁବନେଶ୍ୱରକୁ ରିଲିଫ ସାମଗ୍ରୀ ପଠାଯାଇଛି। ଏସପି ଅବିନାଶ କୁମାର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୧୫.୩ କ୍ୱିଣ୍ଟାଲ ଚାଉଳ, ଚୁଡା ୫.୬ କ୍ୱିଣ୍ଟାଲ, ୪୦ କିଗ୍ରା ଡାଲି, ୭.୫ କ୍ୱିଣ୍ଟାଲ ଆଳୁ, ପିଆଜ ୧.୫ କ୍ୱିଣ୍ଟାଲ, ଲୁଣ ୧ କ୍ୱିଣ୍ଟାଲ,ବିସ୍କୁଟ ୩୫ ପେଟି, ପାଣି ପାଉଚ ୩୩ ବସ୍ତା, ଗୁଡ ୮୫ କି.ଗ୍ରା., ବୋଇତାଳୁ ୫୦ କିଗ୍ରା, ଚିନି ୧୦ କିଗ୍ରା, ମହମବତି ୬୦ଟି, ଦିଆସିଲି ୨୦ ପିସ ଏବଂ ଲୁଙ୍ଗି, ଗାମୁଛା ଓ ଶାଢ଼ି ୩୫୦ ଲେଖାଏ ପଠାଯାଇଥିବା ରିଜର୍ଭ ଆରଆଇ କୁଳମଣି ଗିରି ସୂଚନା ଦେଇଛନ୍ତି। ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

କପ୍ତିପଦା,୧୦।୫(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ମଖିଗଡ଼ିଆ ପଞ୍ଚାୟତ ଭେଜିଡ଼ିହା ଡ଼ାଙ୍ଗରସାହି ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ଗ୍ରାମର ଡ଼ାବୁରୁ ସିଂଙ୍କ କନ୍ୟା ପ୍ରଭାତୀ (୧୩) ପୁଞ୍ଜିରୁ କୁଟା ଆଣୁଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ତାହା ପହଞ୍ଚି ନ ଥିଲା। ଗ୍ରାମରେ କାମ କରୁଥିବା ସିକିୟର ସଂଗଠନର ସଦସ୍ୟ ସଞ୍ଜୀବ କୁମାର ମହାପାତ୍ରଙ୍କ ସହଯୋଗରେ ନାବାଳିକାଙ୍କୁ ଉଦଳା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । କପ୍ତିପଦା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

■ ୨ ମାସ ହେଲା ନଳକୂଅ ଅଚଳ

## ଜଳ କଷ୍ଟରେ ଲୋକେ

ଭଞ୍ଜକିଆ,୧୦।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକର ଭଞ୍ଜକିଆ ପଞ୍ଚାୟତ ଅନ୍ତର୍ଗତ ତାକୁଡିପାଳ ଗାଁରେ ଜଳକଷ୍ଟ ସମସ୍ୟା ଦେଖାଦେଇଛି। ଏହି ଗାଁରେ ଥିବା ନଳକୂଅଟି ୨ମାସ ହେଲା ଅଚଳ ହୋଇ ପଡିଥିବାରୁ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନୁସୂଚିତ ଜାତି ବର୍ଗର ୧ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ବସବାସ କରୁଥିବା ଏହି ଗାଁର ପିଡବ୍ଲ୍ୟୁଡି ରାସ୍ତା ପାର୍ଶ୍ୱରେ ଥିବା ଏକମାତ୍ର ନଳକୂଅ ଉପରେ ୧୦ ନମ୍ବର ୱାର୍ଡବାସିନ୍ଦାଙ୍କ ସମେତ ପଥଚାରୀ ନିର୍ଭର କରିଥାନ୍ତି। ଦୀର୍ଘ ୨ ମାସ ହେବ ଏହି ନଳକୂଅଟି ଅଚଳ ହୋଇପଡିଥିବାରୁ ଗ୍ରାମବାସୀ ନିକଟସ୍ଥ ଖଇରୀଭଣ୍ଡନ ନଦୀରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ। ମେ ମାସ ପ୍ରଥମ ସପ୍ତାହରେ ନଳକୂଅ ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନଳକୂଅ ମରାମତି ହୋଇପାରିନାହିଁ। ଏଥିନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଦାବି ପୂରଣ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।


ଅଚଳ ନଳକୂଅ ନିକଟରେ ଗ୍ରାମବାସୀ।

## ବାତ୍ୟା ବିପନ୍ନଙ୍କୁ ସହାୟତା

ବାରିପଦା ଅଫିସ,୧୦।୫

ମୟୂରଭଞ୍ଜ ଜିଲା କରଞ୍ଜିଆର ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପିଙ୍ଗ ହ୍ୟାଣ୍ଡ ଓ ମାରୱାଡି ସମାଜ ପକ୍ଷରୁ ଗୁରୁବାର ରାତିରେ ପୁରୀ ବାତ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ପଠାଯାଇଛି। ୨ ହଜାର ଲୋକଙ୍କ ପାଇଁ ଖାଦ୍ୟ ସାମଗ୍ରୀ ୧ ହଜାର କିଗ୍ରା ଚାଉଳ, ୧ ହଜାର ଶାଢ଼ୀ, ୫ଶହ ପ୍ୟାକେଟ ଓଆରଏସ ପାଉଡର, ୩ଶହ ପଲିଥିନ ଏବଂ ପିଲାଙ୍କ ପାଇଁ ଖାତା ଓ କଲମ ପଠାଯାଇଛି।


ସଂଗଠନ ପକ୍ଷରୁ ରିଲିଫ ସାମଗ୍ରୀ ପଠାଯାଉଛି।

## ପୃଥକ ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

ରାଇରଙ୍ଗପୁର,୧୦।୫(ଡି.ଏନ.ଏ.)

ରାଇରଙ୍ଗପୁର ପୋଲିସ ସର୍କଲ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ପୃଥକ ଗାଡି ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ବିଶୋଇ ଥାନା ଅନ୍ତର୍ଗତ କାଳାଝରୀ ଗ୍ରାମ ନିକଟସ୍ଥ ରାଇରଙ୍ଗପୁର ବିଶୋଇ ରାସ୍ତାରେ ଭାରସାମ୍ୟ ହରାଇ ଏକ ପିକଅପ୍ ଗାଡ଼ି ରାସ୍ତା ତଳକୁ ଖସି ପଡିଥିଲା। ଏହି ଗାଡ଼ିରେ ଥିବା ହେଲପର ଗୋବିନ୍ଦ ବାସ୍କେ(୨୭)ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଗୋବିନ୍ଦଙ୍କ ଘର ବଡସାହି ଥାନା ଅନ୍ତର୍ଗତ କାନ୍ଦୁଡିସୋଲ ଗ୍ରାମରେ। ଗାଡ଼ି ଚାଳକ ଦୀପକ କୁମାର ମହାନ୍ତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସେହିପରି ତିରିଙ୍ଗଥାନା ଅନ୍ତର୍ଗତ ଡାଳିମା ନିକଟବର୍ତ୍ତୀ ୨୨୦ ନଂ ଜାତୀୟ ରାଜପଥରେ ଏକ ପିକ୍ଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ଗାଡ଼ି ଚାଳକ ରାଇରଙ୍ଗପୁର ସହରାଞ୍ଚଳ ଥାନା ଅନ୍ତର୍ଗତ ଲିଙ୍କରୋଡ ବସ୍ତୀ ଅଞ୍ଚଳର ଉତ୍କଳ ମହାନ୍ତ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଜିଲାର ୫ ବୁଥ୍‌ରେ ହୋଇପାରେ ସାନି ମତଦାନ

ବାରିପଦା ଅଫିସ,୧୦।୫

ମୟୂରଭଞ୍ଜ ଜିଲାର ୫ଟି ବୁଥରେ ଗତ ୨୯ ତାରିଖ ମତଦାନ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ସାନି ମତଦାନ ହୋଇ ପାରେ ବୋଲି ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଆସନ୍ତା ୧୯ ତାରିଖରେ ଏହି ସବୁ ବୁଥରେ ମତଦାନ ହେବ ଓ ଶନିବାର ଏଥିନେଇ ବିଜ୍ଞପ୍ତି ପ୍ରକାଶ କରାଯାଇପାରେ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

ବାରିପଦା ନିର୍ବାଚନମଣ୍ଡଳୀର ୧୬-ଭୁଗୁଡାକଟା, ୧୯-ପୂର୍ଣ୍ଣଚନ୍ଦ୍ରପୁର, ୧୬୬-ଖାନୁଆ-୨, ୨୪୮-ଆଠପଡା ନମ୍ବର ବୁଥ ଏବଂ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ୧୦୪-କଖାରୁଆଶୋଳ ବୁଥରେ ଭୋଟ ଗ୍ରହଣ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଥିଲା। ଏଥିନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ରିପୋର୍ଟକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ରିପୋର୍ଟକୁ ଅନୁଧ୍ୟାନ କରି କେଉଁ କେଉଁ ବୁଥରେ ସାନି ମତଦାନ ହେବ ତାହା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଅନ୍ୟ ପକ୍ଷରେ ଜିଲାର ବିଭିନ୍ନ ଷ୍ଟ୍ରଙ୍ଗରୁମରେ ଥିବା ଇଭିଏମ ଓ ଭିଭିପାଟ ମେଶିନ ମଧ୍ୟରେ ତାଳମେଳ ହେଉ ନ ଥିବାରୁ ନିର୍ବାଚନ ଅଧିକାରୀ ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରକାଶ ଥାଉକି ମୟୂରଭଞ୍ଜ ଜିଲା ଅଧୀନ ୯ ଟି ନିର୍ବାଚନ ମଣ୍ଡଳୀର ୨୩୬୪ ଟି ମତଦାନ କେନ୍ଦ୍ରରେ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ମତଦାନ ଦିନ କିଛି ବୁଥ୍‌ରେ ଇଭିଏମ ଖରାପ ହୋଇଥିବା ଅଭିଯୋଗ ହୋଇଥିଲା। ଏପରିକି କର୍ମଚାରୀମାନେ ଚଞ୍ଚକତା କରୁଥିବା ଅଭିଯୋଗ ହେବା ପରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତଥାପି ଜିଲାରେ ମତଦାନ ହାର ୭୮.୨୧ ପ୍ରତିଶତ ହୋଇଥିଲା। ଆସନ୍ତା ୨୩ ତାରିଖରେ ଭୋଟ ଗଣତି କରାଯିବ। ଏଥିପାଇଁ ଇଭିଏମ ଓ ଭିଭିପାଟ ମେଶିନଗୁଡିକୁ ବାରିପଦା, ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆ ସ୍ଥିତ ଷ୍ଟ୍ରଙ୍ଗ ରୁମରେ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି।

ଏହି ଲୋକ ସଭା କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବାରିପଦା, ବାଙ୍ଗିରିପୋଷି, ଉଦଳା, ସାରସକଣା, ରାଇରଙ୍ଗପୁର, ମୋରଡା ଓ ଯଶିପୁର ଓ ବାଲେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ବଡସାହି ନିର୍ବାଚନ ମଣ୍ଡଳୀରେ ଗତ ୨୯ ଏପ୍ରିଲରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଜିଲା ଅଧୀନ ତଥା କେନ୍ଦୁଝର ଲୋକସଭା ଅନ୍ତର୍ଗତ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ଏପ୍ରିଲ ୨୩ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ବଢୁଛି ତାତି, ଜଳୁଛି ଜଙ୍ଗଲ

କପ୍ତିପଦା,୧୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ୧୦ଟିରୁ ଊର୍ଦ୍ଧ୍ୱ ପଞ୍ଚାୟତ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ରହିଛି । 'ଫନୀ' ପରର ପ୍ରଖର ଖରା ଯୋଗୁ ଏହି ଅଞ୍ଚଳରେ ତାତି ବୃଦ୍ଧି ପାଉଥିବା ବେଳେ ଜଙ୍ଗଲ ନିଆଁ ପରିବେଶର ଉତ୍ତାପକୁ ଦ୍ୱିଗୁଣିତ କରୁଛି । ଯାହାଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ଖରାଦିନେ ଶିମିଳିପାଳରେ ଥରେ ନିଆଁ ଲାଗିଲେ ଏହା ମାଇଲ ମାଇଲ ଅଞ୍ଚଳକୁ ବ୍ୟାପି ଯାଇଥାଏ । ସେ ସମୟରେ ଆଖପାଖ ଅଞ୍ଚଳରେ ରହିବା ବହୁ କଷ୍ଟସାଧ୍ୟ ବୋଲି କୁହନ୍ତି, ଶରତ ଅଞ୍ଚଳର ସମାଜସେବୀ ଉମେଶ ମହାନ୍ତ। ଖରାଦିନ ଆରମ୍ଭରେ ଗଛଗୁଡିକ ପତ୍ରଝଡ଼ା ଦେଇଥାଏ । ତେଣୁ ବଜ୍ରପାତ କିମ୍ବା କୌଣସି ଅସାବଧାନତା କରଣରୁ ଜଙ୍ଗଲରେ ନିଆଁ ଲାଗି ଯାଇଥାଏ । ଏହି ସମୟରେ ଲୋକେ ଜଙ୍ଗଲକୁ ମହୁଲ ଗୋଟାଇବାକୁ ଯାଇ ଗଛ ମୂଳରେ ପଡିଥିବା ପତ୍ରକୁ ନିଆଁ ଲଗାଇ ପୋଡିଥାନ୍ତି। ମାତ୍ର ନିଆଁ ଲିଭାଇ ନ ଥାନ୍ତି । ଏହି ନିଆଁ ଧୀରେ ଧୀରେ ଜଙ୍ଗଲରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରିଥାଏ । ଜଙ୍ଗଲ ବିଭାଗ, ଅଗ୍ନିଶମ ବିଭାଗ ଓ ସାଧାରଣ ଲୋକ ଏହାକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥାଏ। ଫଳରେ ଜଙ୍ଗଲରେ ଥିବା ଗଛଲତା, ଔଷଧୀୟ ଗଛ, ଗୁଳ୍ମ, ଘାସ ସାଙ୍ଗକୁ ସରୀସୃପ, ପ୍ରାଣୀ ଓ ଜୀବଜନ୍ତୁ ପୋଡି ପାଉଁଶ ହୋଇଯାଇଥିବା ନଜିର ରହିଛି। ଏହା ପ୍ରଭାବରେ ବହୁ ବନ୍ୟ ପ୍ରାଣୀ ମଧ୍ୟ ଜନବସତି ମୁହାଁ ହେଉଥିବାର ବିଭାଗ ସୂତ୍ରରୁ ଜଣାଯାଇଛି । ବିଶେଷ କରି ହାତୀପଲ ଜଙ୍ଗଲ ବାହାରକୁ ଆସି ସାଧାରଣ ଲୋକଙ୍କର ବହୁ କ୍ଷୟକ୍ଷତି ଘଟାଉଛନ୍ତି । ନୂଆ କଅଁଳୁ ଥିବା ବହୁ ଗଛ, ଜଙ୍ଗଲରେ ଥିବା ବିଭିନ୍ନ ଗଛର ମଞ୍ଜି ପୋଡି ଯାଉଛି। ମାଟିରେ ପଡି ରହି ମାଟିକୁ ଉର୍ବର କରୁଥିବା ଶୁଖିଲା ପତ୍ର ପୋଡି ଯାଉଥିବାରୁ ମାଟିର ଉର୍ବରତା ନଷ୍ଟ ହେଉଥିବା ବେଳେ ମୃତ୍ତିକା କ୍ଷୟ ହେଉଛି । ଜଙ୍ଗଲରେ ନିଆଁ ଲାଗିବା ପରିବେଶ ପାଇଁ ହାନିକାରକ ବୋଲି ପରିବେଶବିତ ଡ. ସନତ କୁମାର ଦାଶ ପ୍ରକାଶ କରିଛନ୍ତି। ଏଥିପାଇଁ ବହୁ ସଚେତନତା କାର୍ଯ୍ୟକ୍ରମ ଜରୁରୀ ବୋଲି ସେ କହିଛନ୍ତି । ଜଙ୍ଗଲ ରାସ୍ତାରେ ବିଭିନ୍ନ ସମୟରେ ଗାଡ଼ି ଡ୍ରାଇଭରମାନେ ରୋଷେଇ କରି ଖାଉଥିବା ବେଳେ ଅସାବଧାନତା କାରଣରୁ ନିଆଁ ନ ଲିଭାଇ ଚାଲି ଯାଇଥାନ୍ତି । ସେହିପରି ସାଧାରଣ ଲୋକେ ସଚେତନତା ଅଭାବରୁ ବିଡ଼ି, ସିଗାରେଟ ଓ ଗଞ୍ଜେଇ ସେବନ କରି ଜଙ୍ଗଲରେ ପିଙ୍ଗି ଦେଇ ଚାଲି ଯାଇଥାନ୍ତି। ଏହି ନିଆଁ ପରବର୍ତ୍ତୀ ସମୟରେ ଭୟଙ୍କର ଆକାର ଧାରଣ କରିଥାଏ । ଶିକାରୀମାନେ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ମଧ୍ୟ ନିଆଁ ଲଗାଇ ଦେଇଥାନ୍ତି । ଜିଲାର ୬୦ ପ୍ରତିଶତ ଲୋକ ଜଙ୍ଗଲକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜଙ୍ଗଲରୁ ଉତ୍ପାଦିତ ଶାଳପତ୍ର, ଦାନ୍ତକାଠି, ଲାଖ, ଝୁଣା ପାଳୁଅ ଓ ମହୁକୁ ନିକଟସ୍ଥ ବଜାରମାନଙ୍କରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଜଙ୍ଗଲ ବିଭାଗର କଟକଣା ସତ୍ତ୍ୱେ ଜଙ୍ଗଲ ସହିତ ଆଦିବାସୀ ଲୋକଙ୍କ ସମ୍ପର୍କ ନିଆରା। ନା ଜଙ୍ଗଲ ସେମାନଙ୍କୁ ଛାଡ଼ି ପାରିବ, ନା ସେମାନେ ଜଙ୍ଗଲକୁ ଛାଡ଼ି ପାରିବେ। ମାତ୍ର ଜଙ୍ଗଲ ନିଆଁରେ ଏ ସବୁ ଜିନିଷ ପୋଡ଼ି ପାଉଁଶ ହୋଇ ଯାଉଥିବାରୁ ତାଙ୍କ ପେଟପାଟଣା ଉପରେ ମଧ୍ୟ ପ୍ରଭାବ ପଡୁଥିବାର କୁହନ୍ତି, ଶୁକ୍ରାମ ମୁଣ୍ଡା । ଏହା ବ୍ୟତୀତ ବିଶାଳ ଜଙ୍ଗଲକୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ଜଗିବା ସମ୍ଭବ ହେଉ ନ ଥିବାରୁ ଜଙ୍ଗଲ ବିଭାଗ ଏଥିନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ସେ କହନ୍ତି, ଆମର ସାଧାରଣତଃ ପୋଡାଡିହା, ନଟୋ, ବଡଖମଣ ଓ ମାଣିକପୁର ଅଞ୍ଚଳରେ ବେଶି ନିଆଁ ଲାଗୁ ଥିବାର ନଜିର ରହିଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ ଏକ ୧୦ ଜଣିଆ ସ୍କାଡ ଗଠନ କରାଯାଇଛି। ସେମାନେ ଯାଇ ନିଆଁ ଲାଗିଥିବା ଅଞ୍ଚଳର ଚତୁଃପାର୍ଶ୍ୱରେ ପଡିଥିବା ପତ୍ରଗୁଡିକୁ ୨ ମିଟର ଚଉଡାରେ ଅଲଗା କରିଥାନ୍ତି। ଫଳରେ ନିଆଁ ସେହି ଅଞ୍ଚଳ ଭିତରେ ସୀମାବଦ୍ଧ ହୋଇ ଲିଭିଯାଇଥାଏ। ସମୟ ସମୟରେ ନିଆଁ ଆୟତ୍ତ ବାହାରକୁ ଚାଲିଗଲେ ଅଗ୍ନିଶମ ବିଭାଗର ସାହାଯ୍ୟ ନେବାକୁ ପଡିଥାଏ ଓ ନିକଟସ୍ଥ ଗ୍ରାମମାନଙ୍କରେ ବୈଠକ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ।


ଜଳୁଥିବା ଶିମିଳିପାଳ ଜଙ୍ଗଲ।

## ସଂକ୍ଷେପରେ

### ରାଜସ୍ୱ କର୍ମଚାରୀଙ୍କୁ ମାଡ଼

ହାଟଡ଼ିହୀ,୧୦।୫(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅଁରା ଗ୍ରାମକୁ ବାତ୍ୟା କ୍ଷୟକ୍ଷତିର ଆକଳନ କରିବାକୁ ଯାଇଥିବାବେଳେ ରାଜସ୍ୱ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ନେଇ ନନ୍ଦପଦା ଥାନାରେ ଅଭିଯୋଗ ହୋଇଛି। ରାଜସ୍ୱ କର୍ମଚାରୀ ହରେକୃଷ୍ଣ ବାରିକ ଏ ନେଇ ଥାନାରେ ଅଭିଯୋଗ କରି ଦର୍ଶାଇଛନ୍ତି ଯେ, ସେ ସୋମବାର ଅଁରା ଗ୍ରାମକୁ ଯାଇଥିବା ବେଳେ ଗ୍ରାମର ୩ ଜଣ ଲୋକ ତାଙ୍କୁ ମାରଧର କରି ଗାଳିଗୁଲଜ କରିଥିଲେ। ତେବେ ଗୁରୁବାର ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବିବାଦର ସମାଧାନ କରାଯାଇ ନନ୍ଦିପଦା ଥାନାକୁ ଅବଗତ କରାଯାଇଥିବା ପୋଲିସ କହିଛି।

### ବାତ୍ୟାଞ୍ଚଳକୁ ପଠାଗଲା ରିଲିଫ ଗାଡ଼ି



କେନ୍ଦୁଝର, ୧୦।୫ (ସ୍ୱ.ପ୍ର.)-ଫନୀ ପୀଡିତଙ୍କୁ ସହାୟତା ଦେବା ସକାଶେ ସ୍ଥାନୀୟ ଏମଏସପି ସ୍ୱଞ୍ଜ କାରଖାନାର ସମସ୍ତ କର୍ମଚାରୀ ଗୋଟିଏ ଦିନର ଦରମା ଦାନ କରିଛନ୍ତି। ଏହାଛଡା ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୁଡା, ଗୁଡ, ବିସ୍କୁଟ, ପାଣି ପାଉଚ, ମହମବତି ଆଦି ଏକ ରିଲିଫ ଗାଡିରେ ଶୁକ୍ରବାର କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଇଛି। ରିଲିଫ ଗାଡି ଯିବା ଅବସରରେ କମ୍ପାନୀର ସଭାପତି ଦେବବ୍ରତ ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଲାଗୁନି ସୂଚନା ଫଳକ, ଲୋକେ ହଇରାଣ

କେନ୍ଦୁଝର, ୧୦।୫ (ସ୍ୱ.ପ୍ର.) - ସୂଚନା ଅଧିକାର ଆଇନକୁ ମାନୁ ନାହାନ୍ତି ବହୁ ସରକାରୀ ବିଭାଗ। ଫଳରେ ସୂଚନା ପାଇବାରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଠି ସୂଚନା ମିଳୁନି ତ ଆଉ କେଉଁଠି ଅଫିସରେ ସୂଚନା ଫଳକ ଲଗାଯାଉ ନାହିଁ। ଏହି ଆଇନକୁ ସମ୍ମାନ ଦିଆଯାଉ ନ ଥିବା ଅନେକ ସମୟରେ ସୂଚନାଧର୍ମୀ କର୍ମୀମାନେ ଅଭିଯୋଗ କରୁଛନ୍ତି। ଏପରି ସ୍ଥାନୀୟ ଡିଆର୍‌ଡିଏ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ସୂଚନା ଫଳକ ନ ଥିବା ଦେଖିବାକୁ ମିଳିଛି। ଲୋକେ କାହାକୁ ସୂଚନା ମାଗିବେ ଜାଣିପାରୁନାହାନ୍ତି। ସେହିପରି କେନ୍ଦୁଝରଗଡ଼ ପୌରପାଳିକାରେ ସୂଚନା ତ ଦୂରର କଥା କୌଣସି ଉତ୍ତର ମିଳୁ ନ ଥିବା ଅଭିଯୋଗ ହେଉଛି। ଏପରିକି ଅପିଲ କଲେ ମଧ ସୂଚନା କିମ୍ବା ଉତ୍ତର ମିଳୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ କ୍ଷେତ୍ରରେ ଜିଲା ପ୍ରଶାସନ ତାଗିଦ୍ କରୁ ନ ଥିବାରୁ ବାଧ ହୋଇ କମିଶନର କିମ୍ବା କୋର୍ଟ ଦ୍ୱାରସ୍ଥ ହେବାକୁ ପଡୁଛି ବୋଲି ଲକ୍ଷ୍ମୀଧର ଜେନା କହିଛନ୍ତି। ସେହିପରି କେତେକ ବିଭାଗ ଭୁଲ୍ ତଥ୍ୟ ଓ ଅଧା ସୂଚନା ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଜଣାପଡ଼ିଛି। ଜିଲାପାଳ ଏ ନେଇ ସମୀକ୍ଷା କରିବା ସହ ସୂଚନା ଅଧିକାର ଆଇନକୁ ସମ୍ମାନ ଜଣାଇ ସୂଚନା ପ୍ରଦାନ ସକାଶେ ବିଭିନ୍ନ ବିଭାଗକୁ ତାଗିଦ୍ କରିବା ପାଇଁ ସୂଚନାଧର୍ମୀ କର୍ମୀମାନେ ଦାବି ଜଣାଇଛନ୍ତି।

# ମିଳୁନି ବିଜୁଳି ସେବା, ବହୁ ଅଞ୍ଚଳ ଅନ୍ଧାରରେ

କେନ୍ଦୁଝର,୧୦।୫ (ସ୍ୱ.ପ୍ର.)

- ବିଦ୍ୟୁତୀକରଣ କାର୍ଯ୍ୟ ମନ୍ଥର
- ମିଳୁନି ଶତାଧିକ ଖୁଣ୍ଟର ହିସାବ
- ପିଛା ଛାଡୁନି ଲୋ ଭୋଲ୍‌ଟେଜ୍ ସମସ୍ୟା

ବାତ୍ୟା ଫନୀ ପରେ ଉପକୂଳ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। କେନ୍ଦୁଝର ଜିଲାରୁ ଅନେକ କର୍ମଚାରୀ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ମରାମତି କାର୍ଯ୍ୟ ଲାଗି ଯାଇଛନ୍ତି। ବାତ୍ୟା ପ୍ରଭାବରେ କେନ୍ଦୁଝର ଜିଲାରେ ମଧ ଅଳ୍ପ ବହୁତେ କିଛି ସମସ୍ୟା ସୃଷ୍ଟି ହୋଇଥିଲା। କିନ୍ତୁ ବାତ୍ୟା ପ୍ରଭାବିତ ଅଞ୍ଚଳ ଭଳି ଏହି ଜିଲାର ଅନେକ ଅଞ୍ଚଳ ଏବେ ବିଦ୍ୟୁତ୍ ସେବା ନ ପାଇ ଗରମ ଓ ଗୁଳୁଗୁଳି ପରିସ୍ଥିତିରେ ଅନ୍ଧାରରେ ଶଢୁଛନ୍ତି। ଜିଲାରେ ବିଦ୍ୟୁତୀକରଣ କାର୍ଯ୍ୟରେ ଅବ୍ୟବସ୍ଥା ଓ ମନ୍ଥରତା ଲାଗିରହିଥିବା ବେଳେ ଯେଉଁସବୁ ଅଞ୍ଚଳକୁ ବିଦ୍ୟୁତ୍ ଦିଆଯାଇଛି, ସେସବୁ ସ୍ଥାନରେ ଲୋ ଭୋଲଟେଜ୍ ସମସ୍ୟା ବିଦ୍ୟୁତ୍ ନ ଥିବା ଅବସ୍ଥାଠାରୁ ବଳି ପଡିଛି। ବର୍ତ୍ତମାନ ଖରାଦିନେ ଲୋ ଭୋଲଟେଜ ଓ ବିଦ୍ୟୁତ୍ କାଟ ସମସ୍ୟା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ସେବା ନ ଯୋଗାଇ ବିଭାଗୀୟ କର୍ମଚାରୀ ବିଲ୍ ଆଦାୟ ପ୍ରତି ଗୁରୁତ୍ୱ ଦେଉଥିବାରୁ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷ ଓ ଉତ୍ତେଜନା ମୁଣ୍ଡ ଟେକିବାରେ ଲାଗିଛି।

ଜିଲାରେ ଚାଲିଥିବା ବିଦ୍ୟୁତୀକରଣ କାର୍ଯ୍ୟରେ ବିଭିନ୍ନ ଅନିୟମିତତା ଓ ଅବ୍ୟବସ୍ଥା ଲାଗି ରହିଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଗତମାସରେ ଏକ ସମୀକ୍ଷା ବୈଠକ ବସିଥିଲା। ଜିଲାପାଳ ବିଦ୍ୟୁତୀକରଣ କାର୍ଯ୍ୟର ସମୀକ୍ଷା କରି ଅସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ କରିଥିଲେ। କିନ୍ତୁ ପରିସ୍ଥିତି ଏଯାଏ ବଦଳି ନାହିଁ। ବିଦ୍ୟୁତ୍ ବିଭାଗ ପ୍ରଶାସନକୁ ଠିକ୍ ତଥ୍ୟ ନ ଦେଇ ଠିକା ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଜିଲାରେ ଚାଲିଥିବା ଅପଗ୍ରେଡ ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେଶନ କାମ ଅଧାପନ୍ତରିଆ ହୋଇ ରହିଛି। ଜିଲାର ୧୫୦ ଗ୍ରାମରେ ବିଦ୍ୟୁତୀକରଣ



ଟ୍ରାନ୍ସଫର୍ମର ବସିଛି, କାମରେ ଆସୁନି।

ପାଇଁ ଆସିଥିବା ଶତାଧିକ ବିଦ୍ୟୁତ୍ ଖୁଣ୍ଟର ହିସାବ ମିଳୁ ନ ଥିବା କୁହାଯାଉଛି। ଧାର୍ଯ୍ୟଲକ୍ଷ୍ୟ ଅନୁଯାୟୀ ଲୋକଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବାରେ ଅହେତୁକ ବିଳମ୍ବ ଘଟୁଥିବା ବେଳେ ବିଦ୍ୟୁତ ସେବା କାର୍ଯ୍ୟ ନାମକୁ ମାତ୍ର ଚାଲିଛି। ବିଭାଗର ତଳିଆ କର୍ମଚାରୀ ଏଥିଲାଗି ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ବେଳେ ଉପରିସ୍ଥ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ୫ ମେଗା ଭୋଲଟେଜ ଆମ୍ପ୍ଲିଫାୟାର ଲଗାଯାଇପାରୁ ନ ଥିବାରୁ ଉପଭୋକ୍ତାମାନେ ଲୋ ଭୋଲଟେଜ ସମସ୍ୟାରେ ସନ୍ତୁଳି ହେଉଛନ୍ତି। ଅନ୍ୟପକ୍ଷେ ଅଧିକ ଲୋଡ ପଡୁଥିବାରୁ ବିଭିନ୍ନ ସମୟରେ ଯନ୍ତ୍ରପାତି ପୋଡିଯାଉଛି। ଉଲ୍ଲେଖନୀୟ ଯେ, ଜିଲାରେ ୧୩ ଟି ବ୍ଲକରେ ୧୩ ଗ୍ରୀଡ ସବ୍‌ଷ୍ଟେଶନ ସ୍ଥାପନ ଲାଗି ସରକାର ଟେଣ୍ଡର ଆହ୍ୱାନ କରିବା ପରେ ଗତ ବର୍ଷ ମାର୍ଚ୍ଚରୁ କାମ ଆରମ୍ଭ ହୋଇଥିଲା। ଏହି କାମ କେବେ ସରିବ ତାହା ଜଣାପଡୁ ନାହିଁ। ନେସ୍କୋ ସଂସ୍ଥା ଓ ଜିଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ କାମରେ ଅହେତୁକ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ବିଭିନ୍ନ ପ୍ରକଳ୍ପ ପାଇଁ ବିଭାଗୀୟ କର୍ମଚାରୀଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଉଥିବାରୁ ଏ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇ ହତାଶ ହୋଇଥିବା କହୁଛନ୍ତି। ସ୍ୱାଧୀନତାର ୭୦ ବର୍ଷ ପରେ ମଧ ଜିଲାରେ ଅନେକ ସାହି ଓ ଗ୍ରାମ ଅନ୍ଧାରରେ ରହିଛି। ଏ ସମ୍ପର୍କରେ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଠିକା କମ୍ପାନୀ କାମ କରି ଚାଲିଛି। ଆସନ୍ତା ଜୁନ ଶେଷ ସୁଦ୍ଧା କାମ ସାରିବାକୁ ଉକ୍ତ ସଂସ୍ଥା ସରକାରଙ୍କଠାରୁ ଅନୁମତି ଆଣିଛି। ଠିକା ସଂସ୍ଥାର ଜଣେ ଉଚ୍ଚ କର୍ମକର୍ତ୍ତା କହିଛନ୍ତି, ଶର୍ଟ ଡାଉନ ସମସ୍ୟା ପାଇଁ କାମରେ ବିଳମ୍ବ ଘଟିଥିଲା। ଉକ୍ତ ସମସ୍ୟା ଏବେ ଦୂର ହୋଇଛି। ଏହା ମଧ୍ୟରେ କାମ ଶେଷ ହୋଇ ୫ ଟ୍ରାନ୍ସଫର୍ମରକୁ ଚାର୍ଜ କରାଯାଇ ସାରିଛି। ବର୍ତ୍ତମାନ ବାତ୍ୟା ଅଞ୍ଚଳରେ କାମ ପାଇଁ କର୍ମଚାରୀ ଚାଲିଯାଇ ଥିବାରୁ ଏଠାରେ କାମ ବନ୍ଦ ରହିଛି। ଅନ୍ୟପକ୍ଷେ ଏନଟିପିସି ଆବଶ୍ୟକ ଅର୍ଥ ଦେଉ ନ ଥିବାରୁ ସମସ୍ୟା ହେଥିବା ସେ କହିଛନ୍ତି।

### ଅସହ୍ୟ ତାତି: ଜନଜୀବନ ଅସ୍ତବ୍ୟସ୍ତ

ପାଟଣା ୧୦।୫(ସ୍ୱ. ପ୍ର.)

ଫନୀ ବାତ୍ୟା ପରେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ପାରଦ ଏବେ ୪୦ ଡିଗ୍ରୀ ଉପରେ ରହିଛି। ଦିନରେ ଟାଣ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ସ୍ଥାନୀୟ ପାଟଣା ବ୍ଲକରେ ମଧ ପାରଦ ୩୭ ଡିଗ୍ରୀ ଡେଇଁ ଲାଣି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଲୋକେ ତତଲା କଡେଇରେ ଭାଜି ହେବା ଭଳି ସ୍ଥିତିରେ ପହଞ୍ଚିଛନ୍ତି। ପୂର୍ବାହ୍ନ ୧୦ ଟା ବେଳକୁ ଟାଣ ଖରା ଅନୁଭୂତ ହେଉଥିବାରୁ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏଥିଲାଗି ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। କେନ୍ଦୁଝର ଜିଲା ପାଟଣା ବ୍ଲକରେ ପ୍ରାୟ ୨୦ ପଞ୍ଚାୟତରେ ଏବେ ଜଳକଷ୍ଟ ଦେଖାଦେଇଛି। ଆବଶ୍ୟକତା ଅନୁଯାୟୀ ଜଳଛତ୍ର ଖୋଲା ଯାଇ ନ ଥିବାରୁ ଲୋକେ ପିଇବା ପାଣି ଲାଗି ତହଳ ବିକଳ ହେଉଛନ୍ତି। ଚଳିତ ବର୍ଷ ବ୍ଲକ ତରଫରୁ ଏଯାଏ ଆବଶ୍ୟକ ଜଳଛତ୍ର ଖୋଲା ଯାଇ ନ ଥିବାରୁ ପଥଚାରୀ ଓ ବାଇକ ଚାଳକମାନେ ପାଣି ଟୋପାଏ ପିଇବାକୁ ପାଉନାହାନ୍ତି। ଏ ସମ୍ପର୍କରେ ପାଟଣା ଜିପିଓ ରଶ୍ମିରେଖା ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି, ସିଏଫସି ଓ ଏସଏଫସି ପାଣ୍ଠିରୁ ୩୦ପ୍ରତିଶତ ଅର୍ଥ ପାନୀୟ ଜଳ ପାଇଁ ଖର୍ଚ୍ଚ କରିବାକୁ ପଞ୍ଚାୟତଗୁଡିକୁ କୁହାଯାଇଛି।

# ମନ୍ଦିରରେ ତାଲା: ଥାନାରେ ଏତଲା

ଝୁମ୍ପୁରା, ୧୦।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଧୀନ ନହବେଡା ଗ୍ରାମରେ ବାବା ଧବଳେଶ୍ୱର ମନ୍ଦିରରେ ଗତ ୫ ତାରିଖରୁ ତାଲା ପଡିଛି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମ୍ୟ ବିବାଦ ଘନେଇବାରେ ଲାଗିଛି। ଏନେଇ ଝୁମ୍ପୁରା ଥାନାରେ ମଧ ଏତଲା ଦିଆଯାଇଛି। ନହବେଡା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଝୁମ୍ପୁରା ପୋଲିସର ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ପଡିଥିଲେ ମଧ ଗ୍ରାମରେ ଚାପା ଅସନ୍ତୋଷ ଓ ଉତ୍ତେଜନା ଲାଗି ରହିଛି।

ପୋଲିସ ସୂଚନା ଅନୁଯାୟୀ ନହବେଡା ଗ୍ରାମ ହୁଡିରେ ବାବା ଧବଳେଶ୍ୱର ଶୈବପୀଠ ପ୍ରତିଷ୍ଠା ହେବା ପରଠାରୁ ନିୟମିତ ପୂଜାର୍ଚ୍ଚନା କରାଯାଇ ଆସୁଛି। କେତେକ ବ୍ୟକ୍ତି ମନ୍ଦିରରେ ମାଲିକାନା ଜାହିର କରି ଗତ ୫ ତାରିଖ ସକାଳେ ସେଠାରେ ତାଲା ପକାଇଦେଇଥିଲେ। ଫଳରେ ଦର୍ଶନାର୍ଥୀମାନେ ହଇରାଣ ହୋଇ ଫେରିଥିଲେ। ନହବେଡା ପଞ୍ଚାୟତ




ମନ୍ଦିରରେ ତାଲା ପଡିଥିବା ଦେଖି ବାହାରେ ଦର୍ଶନାର୍ଥୀ।

କାର୍ଯ୍ୟାଳୟରେ ଏ ନେଇ ଲିଖିତ ଅଭିଯୋଗ କରାଯିବା ସାଙ୍ଗକୁ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ୟାର ସମାଧାନ ଲାଗି ବୈଠକ ବସିଥିଲା। ପୋଲିସର ହସ୍ତକ୍ଷେପ ସତ୍ତ୍ୱେ ଏ ଯାଏ ବିବାଦର ସ୍ଥାୟୀ ସମାଧାନ ହୋଇ ପାରି ନ ଥିବାରୁ ମନ୍ଦିରରେ ତାଲା ପଡି ରହିଛି ବୋଲି

- ଘନଉଛି ଗ୍ରାମ୍ୟ ବିବାଦ
- ସମାଧାନ ଲାଗି ପୋଲିସ ପକ୍ଷରୁ ଉଦ୍ୟମ ଜାରି

ସରପଞ୍ଚ ବବିତା ନାଏକ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଏଫ. ଟିଗାଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

### ଶିଶୁପାଳ ହେଲେ ବର

ହାଟଡ଼ିହୀ,୧୦।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ଅଞ୍ଚଳରେ ବିବାହ ହେବାକୁ ଯାଇ ଜଣେ ବର ଶିଶୁପାଳ ହୋଇ ଫେରିବା ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗୁଳା ହୋଇଥିବା କନ୍ୟା ବରକୁ ବିବାହ ନ କରିବାକୁ ଜିଦ୍ ଧରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ କନ୍ୟା ବିବାହ କରିବାକୁ ରାଜି ନ ହେବା ଘଟଣାର କାରଣ ସ୍ପଷ୍ଟ ହୋଇ ନାହିଁ। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଏହି ବିବାହ ଲାଗି ଦିନ ଧାର୍ଯ୍ୟ ହୋଇ ଗୁରୁବାର ଏକ ଉତ୍ସବର ଆୟୋଜନ କରାଯାଇଥିଲା। ବର , ବରଯାତ୍ରୀ ଏବଂ କନ୍ୟା ଓ କନ୍ୟା ପକ୍ଷ ଲୋକେ ଆସି ମନ୍ଦିରରେ ପହଞ୍ଚିଥିଲେ। କୌଣସି କାରଣରୁ କନ୍ୟା ଏହି ବିବାହ ଲାଗି ଅସମ୍ମତ ହେବାରୁ ବାହାଘର ବନ୍ଦ ହୋଇ ଯାଇଥିଲା। ଫଳରେ ବରଙ୍କୁ ଶିଶୁପାଳ ହୋଇ ଫେରିବାକୁ ପଡିଥିଲା। ଏ ନେଇ କୌଣସି ପକ୍ଷ ପୋଲିସରେ କିଛି ଅଭିଯୋଗ କରି ନ ଥିବା ଜଣାପଡିଛି।

### କବାଟ ଭାଙ୍ଗି ଚୋରି: ପୋଲିସ ପାଉନି ଟେର୍

ଚମ୍ପୁଆ, ୧୦।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ପର୍ଶଳା ଗ୍ରାମରେ ଗତ ୮ ତାରିଖ ରାତିରେ ଚୋରମାନେ ଘରେ ପଶି କବାଟ ଭାଙ୍ଗି ନଗଦ ୭ ହଜାର ଟଙ୍କା ଓ ୨୦ ଭରି ସୁନା ସମେତ ବିଭିନ୍ନ ଜିନିଷ ଚୋରାଇ ନେଇଛନ୍ତି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହାୟତାରେ ପୋଲିସ ତଦନ୍ତ କରୁଥିଲେ ମଧ କୌଣସି ସଫଳତା ମିଳି ନାହିଁ। ସୂଚନା ଅନୁସାରେ ପର୍ଶଳା ଗ୍ରାମର ମଦନ ମୋହନ ସେଠୀ ଘର ମୁଖ୍ୟ କବାଟରେ ତାଲା ପକାଇ ଶୋଇଥିଲେ। ଚୋରମାନେ କବାଟ ଭାଙ୍ଗି ଆଲମିରାରେ ଥିବା ୭୦୦୦ ଟଙ୍କା ସହିତ ସୁନା, ରୁପା ଗହଣା ଲୁଟି ନେଇଥିଲେ। ଘର ମାଲିକ ଚୋରି ହୋଇଥିବା ଜାଣି ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ।

# ପୋଖରୀ ଖୋଳାକୁ ନେଇ ବିବାଦ

- ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କେନ୍ଦୁଝର, ୧୦।୫ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ କବିତ୍ରା ମୌଜାରେ ଦେବୋତ୍ତର ଜମିରେ ୪ଟି ପୋଖରୀ ଖୋଳାଯିବା ଘଟଣା ନେଇ ବିବାଦ ଦେଖାଦେଇଛି। ଏକ ରାସ୍ତା ନିର୍ମାଣ କମ୍ପାନୀକୁ ମାଟି ଦେବା ଆଳରେ ଏଭଳି ପୋଖରୀ ଖୋଳାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏଭଳି ରାସ୍ତା କାମ ବେଳେ ଏକ ପୋଖରୀ ପୁନରୁଦ୍ଧାର କରିବା ଲାଗି ଗ୍ରାମବାସୀ ମାଟି ଖୋଳିଥିଲେ। ପରେ ମାଟି ଖୋଳିଥିବା ସଂସ୍ଥା ଓ ଗ୍ରାମବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ଆବଶ୍ୟକତା ନ ଥାଇ କାହିଁକି ଏପରି ପୋଖରୀ ଖୋଳାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଶୁକ୍ରବାର ହେମନ୍ତ ମହାନ୍ତ, ଶରତ ମହାନ୍ତ, ବିଜୟ ମହାନ୍ତଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଆହୁରି ଦର୍ଶାଇଛନ୍ତି ଯେ, ଯେଉଁ ସ୍ଥାନରେ ଏବେ ପୋଖରୀ ଖୋଳାଯାଇଛି, ତଦ୍ୱାରା ପରିବେଶ ପ୍ରଭାବିତ ହେବ ଏବଂ ଲୋକେ ଯାତାୟାତ କରିବାରେ ହଇରାଣ ହେବେ। ଛୋଟ ପିଲାମାନେ ଅଧିକ ଅସୁବିଧାରେ ପଡିବେ। ଦୁର୍ଘଟଣା ଘଟିବା ଆଶଙ୍କା ରହିବ। ଗାଁର ଚାଷୀମାନେ ମଧ ହଇରାଣ ହେବେ। ଗ୍ରାମବାସୀଙ୍କୁ ନ ଜଣାଇ ବିଭାଗ ପକ୍ଷରୁ ପୋଖରୀ ଖନନ ନିଷ୍ପତ୍ତି ନିଆଯାଉଥିବାରୁ ସେମାନେ ଏହାକୁ ବିରୋଧ କରୁଥିବା କହିଛନ୍ତି।

### ଟ୍ରକ୍-ଡମ୍ପର ଧକ୍କା: ଡ୍ରାଇଭର, ହେଲ୍‌ପର ଗୁରୁତର

ଯୋଡ଼ା,୧୦।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପଳଶା ରାସ୍ତାରେ ଟ୍ରକ ଓ ଡମ୍ପର ଧକ୍କା ହେବାରୁ ଟ୍ରକ ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ମଧ୍ୟାହ୍ନ ସମୟରେ ଏକ ଡମ୍ପର (ନଂ ଓଡ଼ି୦୯ଏ୬୯୩୨) ଜଜାଙ୍ଗ ଅଞ୍ଚଳରୁ ଲୁହାପଥର ନେଇ କମାଣ୍ଡ ଅଭିମୁଖେ ଯାଉଥଲା। ସେତେବେଳେ ପଳଶା ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଟ୍ରକ (ନଂ ଓଡ଼ି୦୪ଜି୮୧୧୫) ସହିତ ଧକ୍କା ହୋଇଥିଲା। ଫଳରେ ଟ୍ରକର ଡ୍ରାଇଭର ଶ୍ରୀନିବାସ ନାଏକ ଓ ହେଲପର ପ୍ରତାପ ମହାନ୍ତି ଗୁରୁତର ଆହତ ହୋଇଥିଲେ।

# କେଶଦୁରାପାଳରେ ଖୋଲିଲା ମା’ ଗୃହ




ମା’ ଗୃହ ଉଦ୍‌ଘାଟନ ଅବସରରେ ଅତିଥିଗଣ।

ଆନନ୍ଦପୁର, ୧୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ କେଶଦୁରାପାଳ ଠାରେ ମା’ ଗୃହର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡଃ ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳର ମହିଳାମାନଙ୍କ ସୁରକ୍ଷିତ ମାତୃତ୍ୱକୁ ଦୃଷ୍ଟିରେ ରଖି ମା’ ଗୃହ ବ୍ୟବସ୍ଥା କରାଯାଇଛି। ଏହି ଗୃହରେ ଗର୍ଭବତୀ ମହିଳାଙ୍କୁ ପିଲାଜନ୍ମ କରିବାର ୧୦ ଦିନ ପୂର୍ବରୁ ରଖାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେମାନଙ୍କ ପାଇଁ ଶଯ୍ୟାର ସୁବିଧା ସହ ୩ ଥର ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଗର୍ଭବତୀଙ୍କ ଦେଖାଶୁଣା ପାଇଁ ମହିଳା କର୍ମଚାରୀ ନିୟୋଜିତ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଏଲଇଡି ଟିଭି ଓ ଖେଳ ପାଇଁ ବିଭିନ୍ନ ଉପକରଣ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗର୍ଭବତୀ ମହିଳାଙ୍କୁ ଶତପ୍ରତିଶତ ଡାକ୍ତରଖାନାରେ ରଖି ପ୍ରସବ କରାଇବା ନିମନ୍ତେ ମା’ ଗୃହର ବ୍ୟବସ୍ଥା ଉପଯୋଗୀ ହେବ ବୋଲି ବିଡିଓ ଡଃ ସାମନ୍ତରାୟ ସୂଚନା ଦେଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେଶଦୁରାପାଳ ଓ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୧୦ ଶିକ୍ଷାନୁଷ୍ଠାନ, ୨୪୦ଘର କ୍ଷତିଗ୍ରସ୍ତ

ହାଟଡ଼ିହୀ, ୧୦।୫(ଡି.ଏନ.ଏ.)

**ବାତ୍ୟା ପ୍ରଭାବ**

ଫନୀ ପ୍ରଭାବରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ୨୯ଟି ପଞ୍ଚାୟତର ଶହେଟିଗ୍ରାମରେ ୧୧୩୦ଲୋକପ୍ରଭାବିତ ହୋଇଛନ୍ତି। ୧୦ଟି ସ୍କୁଲ ଘର ସମେତ ମୋଟ ୨୪୦ ଗୃହ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି।

ବ୍ଲକରେ ବାତ୍ୟା ପ୍ରଭାବିତ ଶିକ୍ଷାନୁଷ୍ଠାନଗୁଡିକ ହେଲା ଗିରିଗାଁ ନୋଡଲ ସ୍କୁଲ, ସଢା ପ୍ରାଇମେରୀ ସ୍କୁଲ, ଶାଳଣିଆଁ ନୋଡାଲ ସ୍କୁଲ, ଓରାଳି ପ୍ରାଇମେରୀ ସ୍କୁଲ, ବେଲବନ୍ଧ ଅପର ପ୍ରାଇମେରୀ ସ୍କୁଲ, ଏଲକଣା ଅପର ପ୍ରାଇମେରୀ ସ୍କୁଲ, ହାଟଡ଼ିହୀ ନୋଡାଲ ସ୍କୁଲ, ନସିରପୁର ନୋଡାଲ ସ୍କୁଲ, ହଦଗଡ଼ ଅପର ପ୍ରାଇମେରୀ ସ୍କୁଲ, ବାହାରୀପୁର ହାଇସ୍କୁଲ।

ସୋସୋ ଆରଆଇ ସର୍କଲ ଅଧୀନ ୬ ପଞ୍ଚାୟତର ୧୨ଗ୍ରାମରେ ୧୮୭ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୨ଟି ପକ୍କାଘର ଓ ୨୮ ମାଟିଘର କ୍ଷତିଗ୍ରସ୍ତ ହୋଇଛି। ସମଣା ଆରଆଇ ସର୍କଲ ଅଧୀନ ୪ ପଞ୍ଚାୟତର ୧୩ଟି ଗ୍ରାମରେ ୧୫୮ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଗୋଟିଏ ପକ୍କାଘର ଓ ୩୯ ମାଟିଘର କ୍ଷତିଗ୍ରସ୍ତ ହୋଇଛି। ସଢା ଆରଆଇ ସର୍କଲ ଅଧୀନ ୪ ପଞ୍ଚାୟତର ୬ ଗ୍ରାମରେ ୮୦ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଗୋଟିଏ ପକ୍କାଘର ଓ ୧୭ ମାଟିଘର ନଷ୍ଟ ହୋଇଛି। ଉଅଁର ଆରଆଇ ସର୍କଲ ଅଧୀନ ୫ ପଞ୍ଚାୟତର ୨୬ ଗ୍ରାମରେ ୧୭୫ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୪୦ଘର କ୍ଷତିଗ୍ରସ୍ତ ହୋଇଛି। ବଡରମ୍ପାସ ଆରଆଇ ସର୍କଲ ଅଧୀନ ୪ଟି ପଞ୍ଚାୟତର ୧୭ ଗ୍ରାମରେ ୧୮୫ଜଣ ବାତ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ୩୭ ମାଟିଘର କ୍ଷତିଗ୍ରସ୍ତ ହୋଇଛି। ବଞ୍ଚୋ ଆରଆଇ ସର୍କଲ ଅଧୀନ ୩ ପଞ୍ଚାୟତର ୧୩ଟି ଗ୍ରାମରେ ୨୨୦ଲୋକ ପ୍ରଭାବିତ ହୋଇଥିବାବେଳେ ୫୦ମାଟିଘର ଉଜୁଡି ଯାଇଛି। ମରେଇଗାଁ ଆରଆଇ ସର୍କଲ ଅଧୀନ ୩ ପଞ୍ଚାୟତର ୧୩ ଗ୍ରାମରେ ୧୨୫ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୬ ପକ୍କାଘର ଓ ୧୯ ମାଟିଘର କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ପୂର୍ଣ୍ଣ ବିବରଣୀ ସଂଗ୍ରହ ପରେ ଚୂଡାନ୍ତ ତଥ୍ୟ ଦିଆଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଛି।

### ବାତ୍ୟା ବେଳେ ଖର୍ଚ୍ଚ ୪ଲକ୍ଷ ୩୦ହଜାର

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକରେ ଫନୀ ବାତ୍ୟାର ମୁକାବିଲା ପାଇଁ ତତ୍‌କ୍ଷଣାତ ୪ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ହୋଇଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଏଠାରେ ବ୍ଲକ ପ୍ରଶାସନ ପକ୍ଷରୁ ୭୬ ରିଲିଫ କ୍ୟାମ୍ପ ଖୋଲାଯାଇ ୪୩୧୨ଜଣ ଲୋକଙ୍କୁ ସହାୟତା ଓ ଅନ୍ୟ ସୁବିଧା ଯୋଗାଇ ଦିଆଯାଥିଲା। ମୋଟ ୩ଦିନ ପାଇଁ ରିଲିଫ ବ୍ୟବସ୍ଥା ହୋଇଥିଲା। ଖାଦ୍ୟ ବାବଦରେ ୪ଲକ୍ଷ ୩ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅଟକଳ କରାଯାଇଛି। ସେହିପରି ଏନଡ଼ିଆରଏଫ ଟିମ୍ ପାଇଁ ୨୭ହଜାର ଟଙ୍କା ଖର୍ଚ୍ଚହୋଇଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ତରଫରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।

# ପରେଡ ପଡ଼ିଆରେ ଖଳା ନିର୍ମାଣକୁ ବିରୋଧ

ପାଟଣା, ୧୦।୫(ସ୍ୱ.ପ୍ର.)

- ବ୍ଲକ ପ୍ରଶାସନକୁ ଅଞ୍ଚଳବାସୀଙ୍କ ଦାବିପତ୍ର
- ପ୍ରତିକାର ନ ହେଲେ ଆନ୍ଦୋଳନ ଚେତାବନୀ

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପରେଡ଼ ପଡ଼ିଆ ନିକଟରେ ଧାନ ଖଳା ନିର୍ମାଣକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ତୁରନ୍ତ ନିର୍ମାଣାଧୀନ ଖଳାକୁ ଉଚ୍ଛେଦ କରିବା ଲାଗି ସେମାନେ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ବଡ଼ପାଟଣା ସରପଞ୍ଚ ଚନ୍ଦ୍ରଶେଖର ନାଏକ, ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ଅଜୟ ଦାଶ, ରଘୁନାଥ ଦାଶ, ପ୍ରମୋଦ କୁମାର ଭଞ୍ଜଦେଓ, ପ୍ରସନ୍ନ କୁମାର ଭଞ୍ଜଦେଓ , ରଜତ କୁମାର ଦାଶ , ସନାତନ ଦାଶ, ନୀଳମଣି କର ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ପାଟଣା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ସ୍ଥାନୀୟ ପରେଡ଼ ପଡ଼ିଆରେ ବିଭିନ୍ନ ସମୟରେ ବ୍ଲକ



ପାଟଣା ପରେଡ଼ ପଡିଆ ନିକଟରେ ନିର୍ମାଣାଧୀନ ଖଳା।

ସ୍ତରୀୟ ପରେଡ଼ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ରୀଡା ଉତ୍ସବ, ବିଭିନ୍ନ ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ସଭାସମିତି ହୋଇଥାଏ। ଏଭଳି ଏକ ପଡିଆରେ ଏବେ ସରକାରୀ ଖର୍ଚ୍ଚରେ ଧାନଖଳା ନିର୍ମାଣ କରାଯାଉଥିବାରୁ ଏହା ପଡିଆ ପରିସରକୁ ସଙ୍କୁଚିତ କରିଦେବ। ଏଥିଲାଗି ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପରେଡ଼ ପଡ଼ିଆରେ ନିର୍ମାଣାଧୀନ ଖଳାକୁ ତୁରନ୍ତ ବନ୍ଦ କରା ନ ଗଲେ ଅଞ୍ଚଳ ବାସୀଙ୍କ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ବଡ଼ପାଟଣା ମୌଜାର ଏକ ସରକାରୀ ପ୍ଲଟରେ ସିଡିପିଟିଏଫ ପାଣ୍ଠିରୁ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ ଖଳା ନିର୍ମାଣ କରାଯାଉଛି। ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ କହିଛନ୍ତି, ପାଟଣାର ରାଜସ୍ୱ ନିରୀକ୍ଷକଙ୍କ ଅନୁମତି ଓ ସରକାରୀ ଗାଇଡ଼ ଲାଇନ ଅନୁଯାୟୀ ଖଳା ନିର୍ମାଣ ହେଉଛି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିଛି। ପରେଡ଼ ପାଇଁ ଖଳା ଅନ୍ତରାୟ ସୃଷ୍ଟିକରିବ ନାହିଁ ବୋଲି ଅଧିକାରୀମାନେ କହୁଛନ୍ତି। ତେବେ ଏହି ଘଟଣାର ଅନୁଧାନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

